1. Match the following :

| List - I (Authors) | List - II (Books) |
|---|---|
| 1) A L Basham | a) India as a secular state |
| 2) Donald E Smith | b) The wonder that was India |
| 3) Rudolph & Rudolph | c) Government and politics of India |
| 4) WH Morris Jones | d) In pursuit of Lakshmi |

Choose the Correct Codes :

| | 1 | 2 | 3 | 4 |
|---|---|---|---|---|
| (A) | b | a | d | c |
| (B) | a | c | b | d |
| (C) | d | b | a | c |
| (D) | d | c | b | a |

1. ନିମ୍ନଲିଖିତ ଗୁଡ଼ିକୁ ମେଳ କର :

| ତାଲିକା–1: ଲେଖକ | ତାଲିକା–2: ପୁସ୍ତକ |
|---|---|
| 1) A L Basham | a) India as a secular state |
| 2) Donald E Smith | b) The wonder that was India |
| 3) Rudolph & Rudolph | c) Government and politics of India |
| 4) WH Morris Jones | d) In pursuit of Lakshmi |

ସଠିକ୍ କୋଡ୍ ବାଛ:

| | 1 | 2 | 3 | 4 |
|---|---|---|---|---|
| (A) | b | a | d | c |
| (B) | a | c | b | d |
| (C) | d | b | a | c |
| (D) | d | c | b | a |

2. The 15th Finance Commission recommended a health grant architecture focusing on

(A) Health cess consolidation into GST

(B) States' debt takeover by Centre

(C) Universal health premium

(D) Urban/rural health infrastructure and primary health care strengthening

2. 15 ତମ ଅର୍ଥ କମିଶନ ନିମ୍ନଲିଖିତ ଉପରେ ଧ୍ୟାନ ଦେଇ ଏକ ସ୍ୱାସ୍ଥ୍ୟ ଅନୁଦାନ ସ୍ଥାପତ୍ୟ ସୁପାରିଶ କରିଥିଲେ :

(A) GST ରେ ସ୍ୱାସ୍ଥ୍ୟ ସେସ୍ ଏକତ୍ରୀକରଣ

(B) କେନ୍ଦ୍ରଦ୍ୱାରା ରାଜ୍ୟଗୁଡ଼ିକର ଋଣ ଅଧିଗ୍ରହଣ

(C) ସାର୍ବଜନୀନ ସ୍ୱାସ୍ଥ୍ୟ ପ୍ରିମିୟମ୍

(D) ସହରାଞ୍ଚଳ / ଗ୍ରାମାଞ୍ଚଳ ଭିତ୍ତିଭୂମି ଏବଂ ପ୍ରାଥମିକ ସ୍ୱାସ୍ଥ୍ୟସେବା ସୁଦୃଢ଼ୀକରଣ

3. The Chola navy was known for its expedition against :

(A) Cambodia and Laos

(B) Vietnam

(C) Indonesia and Sri Lanka

(D) Maldives

3. କେଉଁ ଅଭିଯାନ ପାଇଁ ଚୋଳ ନୌସେନା ପ୍ରସିଦ୍ଧ ଥିଲା ?

(A) କାମ୍ବୋଡିଆ ଓ ଲାଓସ

(B) ଭିଏତନାମ

(C) ଇଣ୍ଡୋନେସିଆ ଓ ଶ୍ରୀଲଙ୍କା

(D) ମାଳଦ୍ୱୀପ

4. The PM Gati Shakti - National Logistics Policy targets :

(A) Achieving net-zero carbon emissions in urban transport

(B) Integrating road, rail, port, and airport infrastructure for faster goods movement

(C) Promoting bullet train corridors

(D) Increasing domestic shipbuilding industry

5. What differentiates India's Long-Term Low Emission Development Strategy (LT-LEDS) from the NAPCC?

(A) It targets only renewable energy

(B) It provides sector-specific deep decarbonization roadmaps

(C) It replaces all earlier missions

(D) It excludes forestry

6. Mustard Gas is :

(A) Uranium hexafluoride

(B) Dichlorodiphenyltrichloroethane

(C) 2,2'-dichlorodiethylsulfide

(D) Diethylsulphoxide

4. ପ୍ରଧାନମନ୍ତ୍ରୀ-ଗତି-ଶକ୍ତି-ଜାତୀୟ ଲଜିଷ୍ଟିକ୍ସ ନୀତି (The PM Gati Shakti - National Logistics Policy) ଲକ୍ଷ୍ୟ ରଖିଛି:

(A) ସହରାଞ୍ଚଳ ପରିବହନରେ ନେଟ୍ ଶୂନ୍ୟ କାର୍ବନ ନିର୍ଗମନ ହାସଲ କରିବା

(B) ଦ୍ରୁତ ସାମଗ୍ରୀ ପରିବହନ ପାଇଁ ରାସ୍ତା, ରେଳ, ବନ୍ଦର ଏବଂ ବିମାନବନ୍ଦର ର ଭିତ୍ତିଭୂମିକୁ ଏକୀକୃତ କରିବା

(C) ବୁଲେଟ୍ ଟ୍ରେନ୍ କରିଡର୍‌କୁ ପ୍ରୋତ୍ସାହିତ କରିବା

(D) ଘରୋଇ ଜାହାଜ ନିର୍ମାଣ ଶିଳ୍ପ ବୃଦ୍ଧି କରିବା

5. ଭାରତର ଦୀର୍ଘକାଳୀନ ସ୍ୱଳ୍ପ ନିର୍ଗମନ ବିକାଶ କୌଶଳ (LT-LEDS) NAPCC ଠାରୁ କ'ଣ ଭିନ୍ନ ?

(A) ଏହା କେବଳ ନବୀକରଣୀୟ ଶକ୍ତିକୁ ଲକ୍ଷ୍ୟ କରେ ।

(B) ଏହା କ୍ଷେତ୍ର-ନିର୍ଦ୍ଦିଷ୍ଟ, ଗଭୀର ଡିକାର୍ବୋନାଇଜେସନ୍ ରୋଡ୍‌ମ୍ୟାପ ପ୍ରଦାନ କରେ

(C) ଏହା ସବୁ ପୂର୍ବ ମିଶନଗୁଡ଼ିକୁ ବଦଳାଇଥାଏ

(D) ଏହା ବନୀକରଣକୁ ବାଦ୍ ଦିଏ

6. ମଷ୍ଟାର୍ଡ (Mustard) ଗ୍ୟାସ ହେଉଛି –

(A) Uranium hexafluoride

(B) Dichlorodiphenyltrichloroethane

(C) 2,2'-dichlorodiethylsulfide

(D) Diethylsulphoxide

7. Read the following statements and choose the correct alternative in respect of settlement geography of the world

**Statement-1:** In humid tropical regions, rural settlements often take the form of compact villages.

**Statement-2:** Isolated farmsteads are more common in the densely populated rice-growing regions of Asia.

**Statement-3:** Physical barriers like mountains and deserts can lead to clustered settlements in limited habitable pockets.

**Statement-4:** Settlement morphology is linked to agricultural systems and land ownership patterns.

(A) Statements 1, 2 and 3 are correct, and Statement 4 is incorrect.

(B) Statements 1, 3 and 4 are correct, and Statement 2 is incorrect.

(C) Statements 2, 3 and 4 are correct, and Statement 1 is incorrect.

(D) Statement 3 is correct, and Statements 1, 2 and 4 are incorrect.

8. The basic foundation of global economic governance in the post - second World War was laid by various institutional frameworks. Which of the following combinations is correct?

a) IMF, World Bank, GATT

b) IMF, World Bank, Asian Development Bank

c) World Bank, GATT, BRICS

d) Asian Development Bank, IMF, IBRD

Options:

(A) a and b

(B) a, b and c

(C) a, c and d

(D) a,b,c and d

7. ନିମ୍ନଲିଖିତ ମନ୍ତବ୍ୟଗୁଡ଼ିକ ପଢ଼ନ୍ତୁ ଏବଂ ବିଶ୍ୱର ବସତି ସମ୍ପର୍କରେ ସଠିକ ବିକଳ୍ପ ବାଛନ୍ତୁ

ମନ୍ତବ୍ୟ - 1 ଆର୍ଦ୍ର ଟ୍ରପିକାଲ ଅଞ୍ଚଳରେ ଗ୍ରାମୀଣ ବସତି ପ୍ରାୟତଃ ସୁଗଠିତ ଗ୍ରାମ ରୂପ ନେଇଥାଏ

ମନ୍ତବ୍ୟ - 2 ଏସିଆର ଘନ ଜନବହୁଳ ଧାନ ଚାଷ ଅଞ୍ଚଳରେ ବିଚ୍ଛିନ୍ନ ଫାର୍ମଷ୍ଟେଡ ସାଧାରଣ ଭାବେ ଅଧିକ

ମନ୍ତବ୍ୟ - 3 ପର୍ବତ ଓ ମରୁଭୂମି ଭଳି ଭୌତିକ ପ୍ରତିବନ୍ଧକ ସୀମିତ ବାସଯୋଗ୍ୟ ପକେଟରେ କ୍ଲଷ୍ଟର ବସତି ସୃଷ୍ଟି କରିପାରେ

ମନ୍ତବ୍ୟ - 4 ବସତିର ଆକୃତି କୃଷି ପ୍ରଣାଳୀ ଏବଂ ଭୂମି ମାଲିକାନା ଢାଞ୍ଚା ସହିତ ଜଡ଼ିତ

(A) ମନ୍ତବ୍ୟ 1, 2 ଓ 3 ସଠିକ ଓ ମନ୍ତବ୍ୟ 4 ଭୁଲ୍

(B) ମନ୍ତବ୍ୟ 1, 3 ଓ 4 ସଠିକ ଓ ମନ୍ତବ୍ୟ 2 ଭୁଲ୍

(C) ମନ୍ତବ୍ୟ 2, 3 ଓ 4 ସଠିକ ଓ ମନ୍ତବ୍ୟ 1 ଭୁଲ୍

(D) ମନ୍ତବ୍ୟ 3 ସଠିକ ଓ ମନ୍ତବ୍ୟ 1, 2 ଓ 4 ଭୁଲ୍

8. ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ବିଶ୍ୱ ଅର୍ଥନୈତିକ ଶାସନର ମୌଳିକ ଭିତ୍ତିଭୂମି ବିଭିନ୍ନ ସାଙ୍ଗଠନିକ ଢାଞ୍ଚା ଦ୍ୱାରା ସ୍ଥାପନ କରାଯାଇଥିଲା । ନିମ୍ନଲିଖିତ ମିଶ୍ରଣ ଗୁଡ଼ିକ ମଧ୍ୟରୁ କେଉଁଟି ଠିକ୍ ?

a) IMF, World Bank, GATT

b) IMF, World Bank, Asian Development Bank

c) World Bank, GATT, BRICS

d) Asian Development Bank, IMF, IBRD

ବିକଳ୍ପ ଗୁଡ଼ିକ:

(A) a ଏବଂ b

(B) a, b ଏବଂ c

(C) a, c ଏବଂ d

(D) a, b, c ଏବଂ d

9. With respect to inflation in the Indian context, consider the following statements:

1. Retail inflation, measured by the Consumer Price Index (CPI), is the primary metric used by the Reserve Bank of India (RBI) for monetary policy formulation.
2. Core inflation includes volatile components like food and fuel prices, providing a more stable measure of underlying inflationary pressures.
3. Supply-side factors, such as monsoons affecting agricultural output and global crude oil prices, play a significant role in India's inflation dynamics.
4. Headline inflation refers to the total inflation in an economy, including volatile components such as food and energy prices.

Which of the above statements are correct?

(A) 1, 2 and 3 only

(B) 1, 3 and 4 only

(C) 2, 3 and 4 only

(D) All of the above

10. A Committee was constituted to formulate fundamental duties after emergency in 1976. It was headed by which of the following personalities?

(A) VC Shukla

(B) DK Barooah

(C) Sardar Swaran Singh

(D) Sanjeeva Reddy

9. ଭାରତୀୟ ପରିପ୍ରେକ୍ଷୀରେ ମୁଦ୍ରାସ୍ଫୀତି ସମ୍ପର୍କରେ ନିମ୍ନଲିଖିତ ବିବୃତିଗୁଡିକ ବିଚାର କର

1. ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (CPI) ଦ୍ୱାରା ମାପ କରାଯାଇଥିବା ଖୁଚୁରା ମୁଦ୍ରାସ୍ଫୀତି ହେଉଛି ଭାରତୀୟ ରିଜର୍ଭ ବ୍ୟାଙ୍କ (RBI) ଦ୍ୱାରା ମୁଦ୍ରାନୀତି ଗଠନ ପାଇଁ ବ୍ୟବହୃତ ପ୍ରାଥମିକ ମାପକ
2. ମୂଳ ମୁଦ୍ରାସ୍ଫୀତିରେ ଖାଦ୍ୟ ଏବଂ ଇନ୍ଧନ ମୂଲ୍ୟ ଭଳି ଅସ୍ଥିର ଉପାଦାନ ଅନ୍ତର୍ଭୁକ୍ତ, ଯାହା ଅନ୍ତର୍ନିହିତ ମୁଦ୍ରାସ୍ଫୀତି ଚାପର ଏକ ଅଧିକ ସ୍ଥିରମାପ ପ୍ରଦାନ କରେ
3. କୃଷି ଉତ୍ପାଦନ ଏବଂ ବିଶ୍ୱ ଅଶୋଧିତ ତୈଳ ମୂଲ୍ୟକୁ ପ୍ରଭାବିତ କରୁଥିବା ମୌସୁମୀ ପରି ଯୋଗାଣ ପାର୍ଶ୍ୱକାରଗୁଡ଼ିକ ଭାରତର ମୁଦ୍ରାସ୍ଫୀତି ଗତିଶୀଳତାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି
4. ମୁଖ୍ୟ ମୁଦ୍ରାସ୍ଫୀତି ଏକ ଅର୍ଥନୀତିରେ ମୋଟ ମୁଦ୍ରାସ୍ଫୀତିକୁ ବୁଝାଏ, ଯେଉଁଥିରେ ଖାଦ୍ୟ ଏବଂ ଶକ୍ତି ମୂଲ୍ୟ ଭଳି ଅସ୍ଥିର ଉପାଦାନ ଅନ୍ତର୍ଭୁକ୍ତ

ଉପରଲିଖିତ ବକ୍ତବ୍ୟ ମଧ୍ୟରୁ କେଉଁଟି ଠିକ୍ ?

(A) 1, 2 ଏବଂ 3 କେବଳ

(B) 1, 3 ଏବଂ 4 କେବଳ

(C) 2, 3 ଏବଂ 4 କେବଳ

(D) ଉପରୋକ୍ତ ସମସ୍ତ

10. 1976 ମସିହାରେ ଜରୁରୀକାଳୀନ ପରିସ୍ଥିତି ପରେ ମୌଳିକ କର୍ତ୍ତବ୍ୟ ନିର୍ଦ୍ଧାରଣ କରିବା ପାଇଁ ଏକ କମିଟି ଗଠନ କରାଯାଇଥିଲା । ନିମ୍ନଲିଖିତ କେଉଁ ବ୍ୟକ୍ତିବିଶେଷ ଏହାର ନେତୃତ୍ୱ ନେଇଥିଲେ ?

(A) VC Shukla (ଭି. ସି. ଶୁକ୍ଲା)

(B) DK Barooah (ଡି. କେ. ବରୁଆ)

(C) Sardar Swaran Singh (ସର୍ଦ୍ଦାର ସ୍ୱରଣ ସିଂ)

(D) Sanjeeva Reddy (ସଂଜୀବ ରେଡ୍ଡି)

11. Wave like character of an electron is proved by:

(A) The ionization of an atom

(B) The flow of electrons in a metal wire

(C) The deflection of an electron beam by electrical plates

(D) The diffraction pattern of electrons scattered from a crystalline solid

12. Match List-I with List II and choose the correct answer from the Code given below :

| List - I (Nationalist Women) | List - II (Their Activities) |
|---|---|
| a) Sarojini Naidu | 1) A leader of the under ground movement |
| b) Usha Mehta | 2) Joined Azad Hind Fauz |
| c) Aruna Asaf Ali | 3) Led the Salt Satyagraha in Dharsana |
| d) Dr. Lakshmi Swaminathan | 4) Operated Secret radio during Quit India movement |

Code :

| | a | b | c | d |
|---|---|---|---|---|
| (A) | 4 | 2 | 1 | 3 |
| (B) | 3 | 4 | 1 | 2 |
| (C) | 4 | 3 | 2 | 1 |
| (D) | 3 | 2 | 4 | 1 |

11. ଏକ ଇଲେକ୍ଟ୍ରୋନ୍‌ର ତରଙ୍ଗ ଭଳି ଚରିତ୍ର ପ୍ରମାଣିତ ହୁଏ -

(A) The ionization of an atom

(B) The flow of electrons in a metal wire

(C) The deflection of an electron beam by electrical plates

(D) The diffraction pattern of electrons scattered from a crystalline solid

12. ତାଲିକା - I ଓ ତାଲିକା - II ମେଳାଅ ଏବଂ କୋଡ ବ୍ୟବହାର କରି ସଠିକ ଉତ୍ତର ବାଛ ।

| ତାଲିକା - I (ଜାତୀୟବାଦୀ ମହିଳା) | ତାଲିକା - II (ତାଙ୍କର କାର୍ଯ୍ୟାବଳୀ) |
|---|---|
| a) ସରୋଜିନୀ ନାଇଡୁ | 1) ଭୂତଳ ଆନ୍ଦୋଳନର ନେତା |
| b) ଉଷା ମେହେଟ୍ଟା | 2) ଆଜାଦ ହିନ୍ଦ୍ ଫୌଜ୍‌ରେ ଯୋଗଦାନ |
| c) ଅରୁଣା ଆସଫ ଅଲ୍ଲୀ | 3) ଦର୍ଶନାରେ (Dharsana) ଲବଣ ସତ୍ୟାଗ୍ରହର ନେତୃତ୍ୱ |
| d) ଡ. ଲକ୍ଷ୍ମୀ ସ୍ୱାମୀନାଥନ | 4) ଭାରତଛାଡ଼ ଆନ୍ଦୋଳନରେ ଗୁପ୍ତ ରେଡିଓ ପରିଚାଳନା |

କୋଡ :

| | a | b | c | d |
|---|---|---|---|---|
| (A) | 4 | 2 | 1 | 3 |
| (B) | 3 | 4 | 1 | 2 |
| (C) | 4 | 3 | 2 | 1 |
| (D) | 3 | 2 | 4 | 1 |

13. The 2025 Cambodia - Thailand border conflict was primarily triggered by :

(A) Disputes on Oil and gas resources in the Gulf of Thailand.

(B) Historical disputes over Preah Vihear Temple and the surrounding territory.

(C) Disputes on Mekong River water-sharing.

(D) Trade War.

14. The term *seamless web* with reference to the interconnectedness of different parts of Indian Constitution was used by which of the following authors?

(A) Granville Austin

(B) K.C. Wheare

(C) Donald Smith

(D) A.V. Dicey

15. Which of the following combinations are correct with regarding the social welfare policies and the year in which it was introduced.

(a) PM POSHAN : 2021

(b) Right to Education : 2009

(c) Ayushman Bharat : 2018

(d) PM Awaas Yojana : 2015

Options :

(A) a, b, c and d

(B) c, a, d and b

(C) b, d, c and a

(D) d, c, a and b

13. 2025 କାମ୍ବୋଡିଆ–ଥାଇଲାଣ୍ଡ୍ ସୀମାବିବାଦ ମୁଖ୍ୟତଃ ଏହି କାରଣରୁ ଆରମ୍ଭ ହୋଇଥିଲା ।

(A) ଥାଇଲାଣ୍ଡ ଉପସାଗରରେ ତୈଳ ଏବଂ ଗ୍ୟାସ ସମ୍ପଦ ଉପରେ ବିବାଦ

(B) ପ୍ରିୟା (Preah) ବିହାର (Vihear) ମନ୍ଦିର ଏବଂ ଆଖପାଖ ଅଞ୍ଚଳ ଉପରେ ବିବାଦ

(C) ମେକୋଙ୍ଗ୍ ନଦୀ ଜଳବଣ୍ଟନ ଉପରେ ବିବାଦ

(D) ବାଣିଜ୍ୟ ଯୁଦ୍ଧ

14. ଭାରତୀୟ ସମ୍ବିଧାନର ବିଭିନ୍ନ ଅଂଶର ପରସ୍ପର ସଂଯୁକ୍ତତାକୁ ସନ୍ଦର୍ଭରେ 'ସିମଲେସ୍ ୱେବ୍' ଶବ୍ଦଟି ନିମ୍ନଲିଖିତ କେଉଁ ଲେଖକଙ୍କ ଦ୍ୱାରା ବ୍ୟବହାର କରାଯାଇଥିଲା ?

(A) Granville Austin

(B) K.C. Wheare

(C) Donald Smith

(D) A.V. Dicey

15. ସାମାଜିକ କଲ୍ୟାଣନୀତି ଏବଂ ଏହା ପ୍ରଚଳନ ହୋଇଥିବା ବର୍ଷ ସହିତ ନିମ୍ନଲିଖିତ କେଉଁ ମିଶ୍ରଣ ସଠିକ୍ ?

(a) PM POSHAN : 2021

(b) Right to Education : 2009

(c) Ayushman Bharat : 2018

(d) PM Awaas Yojana : 2015

ବିକଳ୍ପଗୁଡ଼ିକ :

(A) a, b, c and d

(B) c, a, d and b

(C) b, d, c and a

(D) d, c, a and b

16. With reference to the challenges of urbanization in India, consider the following statements:

1. Rapid urbanization often leads to strain on existing infrastructure such as housing, sanitation, water supply, and transportation.
2. The growth of informal settlements (slums) is a common consequence of unplanned urbanization due to unaffordable formal housing.
3. Urban areas typically experience higher rates of unemployment compared to rural areas, leading to increased pressure on social services.
4. Smart Cities Mission aims to promote sustainable and inclusive cities by applying "smart" solutions and leveraging technology.

Which of the above statements are correct?

(A) 1, 2 and 3 only

(B) 1,3 and 4 only

(C) 1,2 and 4 only

(D) 2, 3 and 4 only

16. ଭାରତରେ ସହରୀକରଣର ଚ୍ୟାଲେଞ୍ଜ ସମ୍ପର୍କରେ ନିମ୍ନଲିଖିତ ବିବୃତିଗୁଡ଼ିକ ବିଚାର କର ।

1. ଦ୍ରୁତ ସହରୀକରଣ ପ୍ରାୟତଃ ଗୃହ, ପରିମଳ, ଜଳଯୋଗାଣ ଏବଂ ପରିବହନ ଭଳି ବିଦ୍ୟମାନ ଭିତ୍ତିଭୂମି ଉପରେ ଚାପ ସୃଷ୍ଟି କରେ ।
2. ଅସାଧାରଣ ଆନୁଷ୍ଠାନିକ ଗୃହନିର୍ମାଣ ଯୋଗୁ ଅଣଯୋଜନାବଦ୍ଧ ସହରୀକରଣର ଏକ ସାଧାରଣ ପରିଣାମ ହେଉଛି ଅନୌପଚାରିକ ବସତି (ବସ୍ତି)ର ବୃଦ୍ଧି
3. ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳଗୁଡ଼ିକ ସାଧାରଣତଃ ବେକାରୀ ହାରରେ ଅଧିକ ଅନୁଭବ କରନ୍ତି, ଯାହା ସାମାଜିକ ସେବା ଉପରେ ଚାପ ବୃଦ୍ଧି କରେ
4. ସ୍ମାର୍ଟ ସିଟି ମିଶନ 'ସ୍ମାର୍ଟ' ସମାଧାନ ପ୍ରୟୋଗ କରି ଏବଂ ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ସ୍ଥାୟୀ ଏବଂ ଅନ୍ତର୍ଭୁକ୍ତ ସହରଗୁଡ଼ିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ରଖିଛି।

ଉପରଲିଖିତ ବକ୍ତବ୍ୟ ମଧ୍ୟରୁ କେଉଁଟି ଠିକ୍ ?

(A) 1, 2 ଏବଂ 3 କେବଳ

(B) 1, 3 ଏବଂ 4 କେବଳ

(C) 1, 2 ଏବଂ 4 କେବଳ

(D) 2, 3 ଏବଂ 4 କେବଳ

17. Who was the founder of the Lingayat sect?

(A) Appar

(B) Basava

(C) Bijjala

(D) Abhinava

17. ଲିଙ୍ଗାୟତ ସମ୍ପ୍ରଦାୟର ପ୍ରତିଷ୍ଠାତା କିଏ ଥିଲେ ?

(A) ଅପାର

(B) ବାସବ

(C) ବିଜ୍ଜଳା

(D) ଅଭିନବ

18. Tarkunde Report is related to which of the following?

(A) Electoral Reforms

(B) Centre State Relations

(C) Economic Reforms

(D) Educational Reforms

18. ତାରକୁଣ୍ଡେ ରିପୋର୍ଟ ନିମ୍ନ ମଧ୍ୟରୁ କାହା ସହିତ ଜଡ଼ିତ ?

(A) ନିର୍ବାଚନ ସଂସ୍କାର

(B) କେନ୍ଦ୍ର ରାଜ୍ୟ ସଂପର୍କ

(C) ଅର୍ଥନୈତିକ ସଂସ୍କାର

(D) ଶିକ୍ଷାଗତ ସଂସ୍କାର

19. The CAMPA funds are prioritized for activities that involve:

(A) Mining clearance proposals

(B) Community-managed wind farms

(C) Compensatory afforestation and eco-restoration

(D) River-interlinking project evaluations

19. CAMPA ପାଣ୍ଠିକୁ ସେହି କାର୍ଯ୍ୟକଳାପ ପାଇଁ ପ୍ରାଥମିକତା ପ୍ରଦାନ କରାଯାଇଛି, ଯେଉଁଥିରେ କି ନିମ୍ନଲିଖିତ ଉକ୍ତି ମଧ୍ୟରୁ ଏକ ଅନ୍ତର୍ଭୁକ୍ତ

(A) ଖଣି କ୍ଲିୟରାନ୍ସ ପ୍ରସ୍ତାବ

(B) ଗୋଷ୍ଠୀ ପରିଚାଳିତ ବାୟୁ ଫାର୍ମ

(C) କ୍ଷତିପୂରଣମୂଳକ ବନୀକରଣ ଏବଂ ପରିବେଶ–ପୁନଃସ୍ଥାପନ

(D) ନଦୀ–ସଂଯୋଗ ପ୍ରକଳ୍ପ ମୂଲ୍ୟାଙ୍କନ

20. The Dyarchical system of government was introduced by which of the following measures?

(A) Government of India Act, 1909

(B) Government of India Resolution 1918

(C) Government of India Act, 1919

(D) Government of India Act, 1935

20. ନିମ୍ନଲିଖିତ କେଉଁ ପଦକ୍ଷେପ ଦ୍ୱାରା ଦ୍ୱିପ୍ରବାହୀ ସରକାରୀ ବ୍ୟବସ୍ଥା (The Dyarchical system of Govt) ପ୍ରଚଳନ କରାଯାଇଥିଲା ?

(A) Government of India Act, 1909

(B) Government of India Resolution 1918

(C) Government of India Act, 1919

(D) Government of India Act, 1935

21. Which of the following is a non-reducing sugar :

(A) Glucose

(B) Maltose

(C) Sucrose

(D) Fructose

22. Which of the following statements about World Cultural Realms are NOT correct?

1. **Occidental Realm :** Includes Western Europe, North America, Australia, and New Zealand; shares Greco--Roman heritage, Christianity and industrial development.

2. **Indic Realm :** Centered in India; shaped by Hinduism, Buddhism and related cultural traditions.

3. **Islamic Realm :** Restricted solely to the Arabian Peninsula, excluding North Africa and Southeast Asia.

4. **Sino-Japanese Realm :** Comprises China, Japan, Korea, and Vietnam; influenced by Confucianism, Buddhism, and Taoism.

5. **Sub-Saharan African Realm:** Unified by Bantu linguistic roots and indigenous beliefs, with significant Islamic and Christian presence.

(A) 1 and 3 only

(B) 2 and 4 only

(C) 3 only

(D) 1, 3 and 5

21. ନିମ୍ନଲିଖିତ ମଧ୍ୟରୁ କେଉଁଟି ମଧୁ ହ୍ରାସକାରକ (non-reducing sugar) ନୁହେଁ

(A) Glucose

(B) Maltose

(C) Sucrose

(D) Fructose

22. ବିଶ୍ୱ ସାଂସ୍କୃତିକ କ୍ଷେତ୍ର ବିଷୟରେ ନିମ୍ନଲିଖିତ କେଉଁଗୁଡ଼ିକ ମନ୍ତବ୍ୟ ଠିକ୍ ନୁହେଁ ?

1. ପାଶ୍ଚାତ୍ୟ ଅଞ୍ଚଳ **(Occidental Realm)** - ପଶ୍ଚିମ ୟୁରୋପ, ଉତ୍ତର ଆମେରିକା, ଅଷ୍ଟ୍ରେଲିଆ ଓ ନ୍ୟୁଜିଲ୍ୟାଣ୍ଡ ଅନ୍ତର୍ଭୁକ୍ତ, ଗ୍ରୀକୋ-ରୋମାନ ଐତିହ୍ୟ, ଖ୍ରୀଷ୍ଟିଆନିଟି ଏବଂ ଶିଳ୍ପ ବିକାଶ ଅଂଶୀଦାର କରେ

2. ଭାରତୀୟ ଅଞ୍ଚଳ **(Indic Realm)** - ଭାରତରେ କେନ୍ଦ୍ରିତ, ହିନ୍ଦୁ ଧର୍ମ, ବୌଦ୍ଧ ଧର୍ମ ଏବଂ ସମ୍ବନ୍ଧିତ ସାଂସ୍କୃତିକ ପରମ୍ପରା ଦ୍ୱାରା ଆକୃତିପ୍ରାପ୍ତ

3. ଇସ୍‌ଲାମିକ ଅଞ୍ଚଳ **(Islamic Realm)** - ଉତ୍ତର ଆଫ୍ରିକା ଏବଂ ଦକ୍ଷିଣ ପୂର୍ବ ଏସିଆକୁ ବାଦ ଦେଇ କେବଳ ଆରବୀୟ ଉପଦ୍ୱୀପ ପର୍ଯ୍ୟନ୍ତ ସୀମିତ

4. ଚୀନ-ଜାପାନୀ ଅଞ୍ଚଳ **(Sino-Japanese Realm)** - ଚୀନ, ଜାପାନ, କୋରିଆ ଏବଂ ଭିଏତନାମକୁ ନେଇ ଗଠିତ, କନଫୁସିଅସବାଦ, ବୌଦ୍ଧ ଧର୍ମ ଓ ତାଓବାଦ ଦ୍ୱାରା ପ୍ରଭାବିତ

5. ଉପ-ସାହାରା ଆଫ୍ରିକୀୟ ଅଞ୍ଚଳ **(Sub-Saharan African Realm)** - ବାଣ୍ଟୁ ଭାଷାଗତ ମୂଳ ଏବଂ ଆଦିବାସୀ ବିଶ୍ୱାସ ଦ୍ୱାରା ଏକୀକୃତ, ଗୁରୁତ୍ୱପୂର୍ଣ୍ଣ ଇସଲାମିକ ଏବଂ ଖ୍ରୀଷ୍ଟିୟାନ ଉପସ୍ଥିତି ସହିତ

ଉପରୋକ୍ତ କେଉଁ ଉକ୍ତିଟି ଠିକ୍

(A) 1 ଓ 3 କେବଳ

(B) 2 ଓ 4 କେବଳ

(C) 3 କେବଳ

(D) 1, 3 ଓ 5 କେବଳ

23. Which of the following statements about the CM-KISAN scheme of Odisha are NOT correct?

1. Livelihood support under the scheme is provided exclusively to large landholding farmers.
2. Input support is given to farmers for cultivation.
3. Krishi Vidya Nidhi Yojana under CM-KISAN aims to promote agricultural education among farmers' children.
4. The scheme is designed to be progressive and inclusive in nature.

(A) 1 only
(B) 1 and 2 only
(C) 2 and 3 only
(D) 1 and 4 only

23. ଓଡ଼ିଶାର CM-KISAN ସ୍କିମ୍ ସମ୍ପର୍କରେ କେଉଁ ନିମ୍ନ ମନ୍ତବ୍ୟଟି ଠିକ୍ ନୁହେଁ?

1. ଏହି ଯୋଜନା ଅଧୀନରେ ଜୀବିକା ସହାୟତା କେବଳ ବଡ ଜମିଦାର ଚାଷୀମାନଙ୍କୁ ପ୍ରଦାନ କରାଯାଏ
2. ଚାଷ ପାଇଁ କୃଷକମାନଙ୍କୁ ଇନପୁଟ୍ ସହାୟତା ପ୍ରଦାନ କରାଯାଏ
3. CM-KISAN ଅଧୀନରେ କୃଷି ବିଦ୍ୟା ନିଧି ଯୋଜନା ଚାଷୀଙ୍କ ପିଲାମାନଙ୍କ ମଧ୍ୟରେ କୃଷି-ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଲକ୍ଷ୍ୟ ରଖିଛି ।
4. ଏହି ଯୋଜନା ପ୍ରଗତିଶୀଳ ଓ ସମ୍ମିଳିତ ପ୍ରକାରର ହେବା ପାଇଁ ଡ଼ିଜାଇନ କରାଯାଇଛି

(A) 1 କେବଳ
(B) 1 ଓ 2 କେବଳ
(C) 2 ଓ 3 କେବଳ
(D) 1 ଓ 4 କେବଳ

24. Arrange the following committees in a chronological order :

a) N.N. Vohra Committee
b) Rajinder Sachar Committee
c) D.S. Kothari Committee
d) Raja. J. Chelliah Committee

Choose the correct answer :

(A) a, b, c and d
(B) c, d, a and b
(C) b, a, c and d
(D) a, c, b and d

24. ନିମ୍ନଲିଖିତ କମିଟିଗୁଡ଼ିକୁ କାଳକ୍ରମେ ସଜାଅ ଲେଖ।

a) N.N. Vohra Committee
b) Rajinder Sachar Committee
c) D.S. Kothari Committee
d) Raja. J. Chelliah Committee

ସଠିକ୍ ଉତ୍ତର ବାଛ :

(A) a, b, c ଏବଂ d
(B) c, d, a ଏବଂ b
(C) b, a, c ଏବଂ d
(D) a, c, b ଏବଂ d

25. Which of the followings is not a dye:

(A) Alizarin

(B) Fluorescein

(C) Phenolphthalein

(D) Anthranilic acid

26. Consider the following statements regarding the Odisha Industrial Infrastructure Development Corporation (IDCO) :

1. IDCO was established as a statutory corporation by the Government of Odisha in 1981.

2. It serves as the nodal agency for providing industrial infrastructure and land for industrial and infrastructure projects across the state.

3. The corporation's objectives include the development of industrial estates, IT parks and other industrial complexes.

4. IDCO's functions do not include land acquisition or the creation of a land bank for major and mega projects.

5. The corporation facilitates private-sector participation and provides project construction services.

Which of the statements given above is NOT correct?

(A) 2 only

(B) 4 only

(C) 1 and 3 only

(D) 3 and 5 only

25. ନିମ୍ନଲିଖିତ ମଧ୍ୟରୁ କେଉଁଟି ଏକ ଡାଏ (Dye) ନୁହେଁ ?

(A) Alizarin

(B) Fluorescein

(C) Phenolphthalein

(D) Anthranilic acid

26. ଓଡ଼ିଶା ଶିଳ୍ପ ଭିତ୍ତିଭୂମି ବିକାଶ ନିଗମ (IDCO) ସମ୍ପର୍କରେ ନିମ୍ନଲିଖିତ ମନ୍ତବ୍ୟଗୁଡ଼ିକ ବିଚାର କରନ୍ତୁ ।

1. 1981 ମସିହାରେ ଓଡ଼ିଶା ସରକାରଙ୍କ ଦ୍ୱାରା IDCO ଏକ ସାମ୍ବିଧାନିକ ନିଗମ ଭାବରେ ପ୍ରତିଷ୍ଠିତ ହୋଇଥିଲା

2. ଏହା ରାଜ୍ୟସାରା ଶିଳ୍ପ ଏବଂ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଶିଳ୍ପ ଭିତ୍ତିଭୂମି ଓ ଜମି ଯୋଗାଇବା ପାଇଁ ନୋଡାଲ ଏଜେନ୍‌ସି ଭାବରେ କାର୍ଯ୍ୟ କରିଥାଏ

3. ନିଗମର ଉଦ୍ଦେଶ୍ୟ ମଧ୍ୟରେ ଶିଳ୍ପ ଇଷ୍ଟେଟ, ଆଇ.ଟି ପାର୍କ ଏବଂ ଅନ୍ୟାନ୍ୟ ଶିଳ୍ପ କମ୍ପ୍ଲେକସର ବିକାଶ ଅନ୍ତର୍ଭୁକ୍ତ

4. IDCO ର କାର୍ଯ୍ୟରେ ପ୍ରମୁଖ ଓ ମେଗା ପ୍ରକଳ୍ପ ପାଇଁ ଭୂମି ବ୍ୟାଙ୍କ ସୃଷ୍ଟି କରିବା ଏବଂ ଭୂମି ଅଧିଗ୍ରହଣ ଅନ୍ତର୍ଭୁକ୍ତ ନୁହେଁ

5. ନିଗମ ଘରୋଇ କ୍ଷେତ୍ରର ଭାଗିଦାରିକୁ ସହଜ କରିଥାଏ ଏବଂ ପ୍ରକଳ୍ପ ନିର୍ମାଣ ସେବା ପ୍ରଦାନ କରିଥାଏ

ଉପରୋକ୍ତ ମନ୍ତବ୍ୟ ମଧ୍ୟରୁ କେଉଁଟି ଠିକ୍ ନୁହେଁ?

(A) 2 କେବଳ

(B) 4 କେବଳ

(C) 1 ଏବଂ 3 କେବଳ

(D) 3 ଏବଂ 5 କେବଳ

27. Consider the following statements with regard to the Comptroller Auditor General.

a) The office of CAG has been modelled on the basis of Advocate General under the Government of India Act, 1919.

b) CAG is the impartial head of the audit and account system of India.

c) CAG can be removed by the President on the grounds of 'proven misbehaviour'.

d) The term of office of CAG shall be six years from the date on which he assumes office.

Choose the correct answer :

(A) a and b

(B) a and c

(C) b and d

(D) a, b, c and d

27. ନିୟନ୍ତ୍ରକ ମହାଲେଖା ନିରୀକ୍ଷକଙ୍କ ସମ୍ପର୍କରେ ନିମ୍ନଲିଖିତ ମନ୍ତବ୍ୟଗୁଡିକ ବିଚାର କର ।

a) ଭାରତ ସରକାର ଆଇନ, 1919 ଅନୁଯାୟୀ CAG ର କାର୍ଯ୍ୟାଳୟ ଆଡ୍‌ଭୋକେଟ୍ ଜେନେରାଲଙ୍କ ଆଧାରରେ ମଡ଼େଲ କରାଯାଇଛି ।

b) CAG ହେଉଛନ୍ତି ଭାରତର ଅଡ଼ିଟ୍ ଏବଂ ଆକାଉଣ୍ଟ ସିଷ୍ଟମ୍ ର ନିରପେକ୍ଷ ମୁଖ୍ୟ

c) 'ପ୍ରମାଣିତ ଦୁର୍ବ୍ୟବହାର' ଆଧାରରେ ରାଷ୍ଟ୍ରପତି CAG ଙ୍କୁ ଅପସାରିତ କରିପାରିବେ

d) CAG ର କାର୍ଯ୍ୟକାଳ ସେ କାର୍ଯ୍ୟଗ୍ରହଣ କରିବା ତାରିଖରୁ ଛଅବର୍ଷ ହେବ ।

ସଠିକ୍ ଉତ୍ତର ବାଛ :

(A) a ଏବଂ b

(B) a ଏବଂ c

(C) b ଏବଂ d

(D) a, b, c ଏବଂ d

28. Under which Mughal Emperor was the office of Muhtasib (Censor of Public Morals) instituted in Odisha?

(A) Shahjahan

(B) Aurangzeb

(C) Jahangir

(D) Humayun

28. କେଉଁ ମୋଗଲ ରାଜାଙ୍କ ସମୟରେ ମୋହତାସିବ (Muhtasib) କାର୍ଯ୍ୟାଳୟ (ଜନସାଧାରଣ ନୈତିକତା ନିରୀକ୍ଷଣ ନିମନ୍ତେ) ଓଡ଼ିଶାରେ ପ୍ରତିଷ୍ଠିତ କରାଯାଇଥିଲା ?

(A) ଶାହାଜାହାନ

(B) ଆଉରଙ୍ଗଜେବ

(C) ଜାହାଙ୍ଗିର

(D) ହୁମାୟୁନ

29. Who was the first Leader to Move a resolution in the Central Legislative Assembly demanding the Unification of all Odia speaking tracts into a separate province?

(A) Madhusudan Das

(B) Gopa bandhu Das

(C) Hare Krushna Mahatab

(D) Nil Kantha Das

30. Consider the following statements :

1. The Inter-State Council (ISC) was set up under Article 263 of the Constitution.
2. Punchhi Commission recommended the establishment of the Inter-State Council.
3. The Union Home Minister is the Chairman of the Inter-State Council.
4. It discusses matters of common interests and suggests policies for better coordination.

Choose the correct codes :

(A) 1 and 4

(B) 1, 3 and 4

(C) 2, 3 and 1

(D) 1, 2 and 3

31. Which climate initiative specifically supports Himalayan glacial monitoring?

(A) ICAP

(B) National Mission on Sustaining the Himalayan Ecosystem

(C) State REDD+ Programme

(D) Bharat Clean Energy Mission

29. ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ କରିବାପାଇଁ କେନ୍ଦ୍ରୀୟ ବିଧାନସଭାରେ ଦାବି ପ୍ରସ୍ତାବ ଆଗତ କରିଥିବା ପ୍ରଥମ ନେତା କିଏ ?

(A) ମଧୁସୂଦନ ଦାସ

(B) ଗୋପବନ୍ଧୁ ଦାସ

(C) ହରେକୃଷ୍ଣ ମହତାବ

(D) ନୀଳକଣ୍ଠ ଦାସ

30. ନିମ୍ନଲିଖିତ ବିବୃତ୍ତିଗୁଡ଼ିକ ବିଚାର କର :

1. ଆନ୍ତଃ-ରାଜ୍ୟ ପରିଷଦ (ISC) ସମ୍ବିଧାନର ଧାରା 263 ଅନୁଯାୟୀ ପ୍ରତିଷ୍ଠିତ ହୋଇଥିଲା
2. ପୁଞ୍ଛି କମିଶନ ଆନ୍ତଃରାଜ୍ୟ ପରିଷଦ ପ୍ରତିଷ୍ଠା ପାଇଁ ସୁପାରିଶ କରିଥିଲେ
3. କେନ୍ଦ୍ର ଗୃହମନ୍ତ୍ରୀ ଆନ୍ତଃ-ରାଜ୍ୟ ପରିଷଦର ଅଧ୍ୟକ୍ଷ ଅଟନ୍ତି
4. ଏହା ସାଧାରଣ ସ୍ୱାର୍ଥ ସମ୍ବନ୍ଧୀୟ ବିଷୟଗୁଡ଼ିକ ଉପରେ ଆଲୋଚନା କରେ ଏବଂ ଉତ୍ତମ ସମନ୍ୱୟ ପାଇଁ ନୀତି ପରାମର୍ଶ ଦିଏ

ସଠିକ କୋଡ୍ ବାଛ :

(A) 1 ଏବଂ 4

(B) 1, 3 ଏବଂ 4

(C) 2, 3 ଏବଂ 1

(D) 1, 2 ଏବଂ 3

31. କେଉଁ ଜଳବାୟୁ ପଦକ୍ଷେପ ହିମାଳୟ ହିମବାହ ନିରୀକ୍ଷଣକୁ ବିଶେଷଭାବେ ସମର୍ଥନ କରେ ?

(A) ICAP

(B) ହିମାଳୟ ଜୈବ-ବ୍ୟବସ୍ଥାକୁ ସ୍ଥାୟୀ କରିବା ପାଇଁ ଜାତୀୟ ମିଶନ

(C) ରାଜ୍ୟ REDD ସଂପୃକ୍ତ କାର୍ଯ୍ୟକ୍ରମ

(D) ଭାରତ ସ୍ୱଚ୍ଛ ଶକ୍ତି ମିଶନ

**32.** Which of the following statements about the global industrial pattern is NOT correct?

1. Japan, Germany, and the USA are leaders in automobile production.
2. India and Bangladesh are major centres for textile and garment industries.
3. South Korea and Taiwan are known for shipbuilding and heavy machinery.
4. Canada and Australia are primarily known for heavy industry rather than resource-based industries.

(A) 2 and 3 only

(B) 1 and 2 only

(C) 3 and 1 only

(D) 4 only

**32.** ବିଶ୍ୱ ଶିଳ୍ପ ଢାଞ୍ଚା ସମ୍ବନ୍ଧରେ କେଉଁ ମନ୍ତବ୍ୟଗୁଡ଼ିକ ଠିକ ନୁହେଁ ?

1. ଜାପାନ, ଜର୍ମାନୀ ଏବଂ ଆମେରିକା ଅଟୋମୋବାଇଲ ଉତ୍ପାଦନରେ ଅଗ୍ରଣୀ
2. ଭାରତ ଓ ବାଂଲାଦେଶ କପଡ଼ା ଓ ପୋଷାକ ଶିଳ୍ପପାଇଁ ପ୍ରମୁଖ କେନ୍ଦ୍ର
3. ଦକ୍ଷିଣ କୋରିଆ ଓ ତାଇୱାନ ଜାହାଜ ନିର୍ମାଣ ଏବଂ ଭାରୀ ଯନ୍ତ୍ରପାତି ପାଇଁ ଜଣାଶୁଣା
4. କାନାଡ଼ା ଓ ଅଷ୍ଟ୍ରେଲିଆ ମୁଖ୍ୟତଃ ସମ୍ପଦ-ଭିତ୍ତିକ ଶିଳ୍ପ ଅପେକ୍ଷା ଭାରୀ ଶିଳ୍ପ ପାଇଁ ଜଣାଶୁଣା

(A) 2 ଓ 3 କେବଳ

(B) 1 ଓ 2 କେବଳ

(C) 3 ଓ 1 କେବଳ

(D) 4 କେବଳ

**33.** Which of the following was the first major administrative measure taken by the Congress Ministry formed in Odisha under Hare Krushna Mahatab on 23 April 1946?

(A) Abolition of Zamindari Settlements

(B) Release of political prisoners

(C) Repeal of salt laws in Coastal Odisha

(D) Introduction of Compulsory primary education

**33.** 1946 ମସିହା 23 ଏପ୍ରିଲରେ ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ଓଡ଼ିଶାରେ ଗଠିତ କଂଗ୍ରେସ ଦ୍ୱାରା ନିମ୍ନଲିଖିତ ମଧ୍ୟରୁ କେଉଁ ବିଷୟରେ ପ୍ରଥମ ପ୍ରମୁଖ ପ୍ରଶାସନିକ ପଦକ୍ଷେପ ନିଆଯାଇଥିଲା ?

(A) ଜମିଦାରୀ ବ୍ୟବସ୍ଥା ଉଚ୍ଛେଦ

(B) ରାଜନୈତିକ ବନ୍ଦୀମାନଙ୍କୁ ମୁକ୍ତି

(C) ଓଡ଼ିଶାର ଉପକୂଳ ଅଞ୍ଚଳ ତଥା ଉପକୂଳ ଓଡ଼ିଶାରୁ ଲୁଣ ଆଇନ ପ୍ରତ୍ୟାହାର

(D) ବାଧ୍ୟତାମୂଳକ ପ୍ରାଥମିକ ଶିକ୍ଷା ପ୍ରଚଳନ

34. Which of the following best defines the concept of Pareto Optimality?

(A) A situation where everyone is equally well - off

(B) A situation where no one can be made better off without making someone else worse off

(C) A situation where total wealth is maximized

(D) A situation where the government redistributes resources equally

34. ନିମ୍ନଲିଖିତ ମଧ୍ୟରୁ କେଉଁଟି ପାରେଟୋ (Pareto Optimality) ଅପ୍ଟିମାଲିଟି ର ଧାରଣାକୁ ସର୍ବୋତ୍ତମ ଭାବରେ ପରିଭାଷିତ କରେ ?

(A) ଏକ ପରିସ୍ଥିତି ଯେଉଁଠାରେ ସମସ୍ତେ ସମାନ ଭାବରେ ସ୍ୱଚ୍ଛଳ

(B) ଏପରି ପରିସ୍ଥିତି ଯେଉଁଠାରେ ଅନ୍ୟକାହାର ଖରାପ ନ କରି କେହି ନିଜର ଭଲ କରିପାରିବେ ନାହିଁ

(C) ଏକ ପରିସ୍ଥିତି ଯେଉଁଠାରେ ମୋଟ ସମ୍ପତ୍ତି ସର୍ବାଧିକ ହୁଏ

(D) ଏପରି ପରିସ୍ଥିତି ଯେଉଁଠାରେ ସରକାର ସମ୍ବଳକୁ ସମାନ ଭାବରେ ପୁନଃବଣ୍ଟନ କରନ୍ତି

35. Consider the following statements :

a) Under Artical 124(4) of the Indian Constitution, a Supreme Court Judge can be impeached.

b) The ground for impeachment of a Judge pertains to 'incapacity and proven misbehavior'.

c) A minimum of 100 MPs are required to initiate the impeachment motion in the Lok Sabha.

d) The President can pardon the Judge.

Which of the following statements are IN CORRECT ?

(A) a and b

(B) c only

(C) c and d

(D) a, c and d

35. ନିମ୍ନଲିଖିତ ମନ୍ତବ୍ୟଗୁଡ଼ିକ ବିଚାର କର :

a) ଭାରତୀୟ ସଂବିଧାନ ଧାରା 124(4) ଅନୁଯାୟୀ, ଜଣେ ସୁପ୍ରିମ୍‌କୋର୍ଟ ବିଚାରପତିଙ୍କୁ ମହାଭିଯୋଗ କରାଯାଇପାରିବ

b) ଜଣେ ବିଚାରପତିଙ୍କ ମହାଭିଯୋଗ ପାଇଁ ଆଧାର 'ଅକ୍ଷମତା ଏବଂ ପ୍ରମାଣିତ ଖରାପ ଆଚରଣ' ସହିତ ଜଡ଼ିତ

c) ଲୋକସଭାରେ ମହାଭିଯୋଗ ପ୍ରସ୍ତାବ ଆରମ୍ଭ କରିବା ପାଇଁ ସର୍ବନିମ୍ନ 100 ସାଂସଦଙ୍କ ଆବଶ୍ୟକତା ଅଛି ।

d) ରାଷ୍ଟ୍ରପତି ବିଚାରପତିଙ୍କୁ କ୍ଷମା କରିପାରିବେ

ନିମ୍ନଲିଖିତ ମନ୍ତବ୍ୟଗୁଡ଼ିକ ମଧ୍ୟରୁ କେଉଁଟି ଭୁଲ୍ ?

(A) a ଏବଂ b

(B) କେବଳ c

(C) c ଏବଂ d

(D) a, c ଏବଂ d

36. Consider the following statements regarding Sustainable Development Goals (SDGs) and their indicators:

1. The 2030 Agenda for Sustainable Development, adopted by all United Nations Member States in 2015, comprises 17 SDGs and 169 targets.

2. SDG 1 targets poverty ending in all its forms everywhere, using indicators like the proportion of people living below the national poverty line.

3. The "leave no one behind" principle is central to the SDGs, emphasizing disaggregated data collection to identify vulnerable groups.

4. Sustainable Consumption and Production (SCP) is primarily addressed under SDG 14, focusing on efficient resource use and reducing waste.

Which of the above statements are correct?

(A) 1, 2 and 3 only

(B) 1, 3 and 4 only

(C) 2, 3 and 4 only

(D) All of the above

36. ସ୍ଥାୟୀ ବିକାଶ ଲକ୍ଷ୍ୟ (SDGs) ଏବଂ ସେମାନଙ୍କର ସୂଚକଗୁଡିକ ସମ୍ପର୍କରେ ନିମ୍ନଲିଖିତ ବିବୃତ୍ତିଗୁଡ଼ିକ ବିଚାର କର।

1. ସ୍ଥାୟୀ ବିକାଶ ପାଇଁ 2030 ଏଜେଣ୍ଡା, ଯାହା 2015 ମସିହାରେ ସମସ୍ତ ମିଳିତ ଜାତିସଂଘ ସଦସ୍ୟ ରାଷ୍ଟ୍ରଦ୍ୱାରା ଗ୍ରହଣ କରାଯାଇଥିଲା, ସେଥିରେ 17ଟି ସ୍ଥାୟୀ ବିକାଶ ଲକ୍ଷ୍ୟ (SDGs) ଏବଂ 169ଟି ଲକ୍ଷ୍ୟ ରହିଛି ।

2. ସ୍ଥାୟୀ ବିକାଶ ଲକ୍ଷ୍ୟ (SDG 1) ଜାତୀୟ ଦାରିଦ୍ର୍ୟ ସୀମାରେଖାତଳେ ବାସକରୁଥିବା ଲୋକଙ୍କ ଅନୁପାତ ପରି ସୂଚକଗୁଡ଼ିକୁ ବ୍ୟବହାର କରି ସବୁଠି ସମସ୍ତ ପ୍ରକାରର ଦାରିଦ୍ର୍ୟ ସମାପ୍ତିକୁ ଲକ୍ଷ୍ୟ ରଖିଛି

3. "କାହାକୁ ପଛରେ ଛାଡ଼ିବେ ନାହିଁ" ନୀତି ସ୍ଥାୟୀ ବିକାଶ ଲକ୍ଷ୍ୟ (SDGs) ପାଇଁ କେନ୍ଦ୍ରୀୟ ଦୁର୍ବଳ ଗୋଷ୍ଠୀଗୁଡ଼ିକୁ ଚିହ୍ନଟ କରିବା ପାଇଁ ଭିନ୍ନ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱାରୋପ କରିଥାଏ

4. ସ୍ଥାୟୀ ବ୍ୟବହାର ଏବଂ ଉତ୍ପାଦନ (SCP) ମୁଖ୍ୟତଃ SDG 14 ଅଧୀନରେ ସମ୍ବୋଧିତ, ଦକ୍ଷ ସମ୍ବଳ ବ୍ୟବହାର ଏବଂ ଅପଚୟହ୍ରାସ ଉପରେ ଧ୍ୟାନ ଦିଏ ।

ଉପରଲିଖିତ ବକ୍ତବ୍ୟମଧ୍ୟରୁ କେଉଁଟି ଠିକ୍ ?

(A) 1, 2 ଏବଂ 3 କେବଳ

(B) 1, 3 ଏବଂ 4 କେବଳ

(C) 2, 3 ଏବଂ 4 କେବଳ

(D) ଉପରୋକ୍ତ ସମସ୍ତ

37. Section 4 of the RTI Act states that the obligations of public authorities to maintain records and publish information within ______ days from the enactment of the Act.

(A) 120

(B) 30

(C) 110

(D) 10

38. Consider the following statements about the Ramsar sites in India:

1. A Ramsar site is declared based on its ecological importance and biodiversity richness.

2. Chilika Lake was the first Indian site to be added to the Ramsar list.

3. As of 2023, India has more than 75 Ramsar sites.

Which of the statements given above is/are correct?

(A) 1 and 2 only

(B) 2 and 3 only

(C) 1 and 3 only

(D) 1, 2 and 3

37. RTI ଆଇନ୍‌ର ଧାରା 4 ରେ କୁହାଯାଇଛି ଯେ ଆଇନ ପ୍ରଣୟନ ହେବାର – ଦିନ ମଧ୍ୟରେ ରେକର୍ଡ ରଖିବା ଏବଂ ସୂଚନା ପ୍ରକାଶ କରିବା ସରକାରୀ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ

(A) 120

(B) 30

(C) 110

(D) 10

38. ଭାରତରେ "ରାମସାର" (Ramsar) ସ୍ଥାନ ବିଷୟରେ ନିମ୍ନଲିଖିତ ଉକ୍ତିଗୁଡ଼ିକ ବିଚାର କର ।

1. ଏକ ରାମସାର ସ୍ଥାନ ଏହାର ପରିବେଶଗତ ଗୁରୁତ୍ୱ ଏବଂ ଜୈବ ବିବିଧତା ସମୃଦ୍ଧିକୁ ଆଧାର କରି ଘୋଷଣା କରାଯାଇଛି

2. ଚିଲିକାହ୍ରଦ ରାମସାର ତାଲିକାରେ ସଂଯୋଗ କରାଯାଇଥିବା ଭାରତର ପ୍ରଥମ ହ୍ରଦ ଥିଲା

3. 2023 ମଧ୍ୟରେ ଭାରତରେ 75ରୁ ଅଧିକ ରାମସାର ସ୍ଥାନ ରହିଛି ।

ଉପରେ ଦର୍ଶାଯାଇଥିବା ଉକ୍ତିଗୁଡ଼ିକ ମଧ୍ୟରୁ ସଠିକ ଉତ୍ତର ପ୍ରଦାନ କର ।

(A) କେବଳ 1 ଏବଂ 2

(B) କେବଳ 2 ଏବଂ 3

(C) କେବଳ 1 ଏବଂ 3

(D) କେବଳ 1, 2 ଏବଂ 3

39. The writ of Mandamus is issued:

(A) To release a person from illegal detention

(B) To transfer a case from a lower court to a higher court

(C) To compel a public official to perform a public duty

(D) To question the legality of a person holding a public office

40. Consider the following statements about Samudrayaan Mission;

1) The development of the Samudrayaan Mission will enhance India's capability in Nuclear Submarine Development

2) Samudrayaan Mission aims to develop a self-propelled manned Submersible.

3) Samudrayaan Mission aims to explore deep oceans up to 6000 meters.

4) Samudrayaan Mission aims to boost marine tourism.

Select the correct answer from the codes given below ;

(A) 1 only

(B) 2 and 3

(C) 1 and 4 only

(D) 4 only

39. ମଣ୍ଡାମସ୍‌ର ରିଟ୍ ଜାରି କରାଯାଏ :

(A) ଜଣେ ବ୍ୟକ୍ତିଙ୍କୁ ଅବୈଧ ଅଟକରୁ ମୁକ୍ତ କରିବା

(B) ଏକ ନିମ୍ନ ଅଦାଲତରୁ ଏକ ଉଚ୍ଚ ଅଦାଲତକୁ ଏକ ମାମଲା ସ୍ଥାନାନ୍ତର କରିବା

(C) ଜଣେ ସରକାରୀ ଅଧିକାରୀଙ୍କୁ ଏକ ସାର୍ବଜନୀନ କର୍ତ୍ତବ୍ୟ ପାଳନ କରିବାକୁ ବାଧ କରିବା

(D) ଜଣେ ସରକାରୀ ପଦବୀ ଧାରଣ କରିଥିବା ବ୍ୟକ୍ତିଙ୍କ ବୈଧତାଉପରେ ପ୍ରଶ୍ନ ଉଠାଇବା

40. ସମୁଦ୍ରାୟନ ମିଶନ ବିଷୟରେ ନିମ୍ନଲିଖିତ ମନ୍ତବ୍ୟଗୁଡ଼ିକ ବିଚାର କର:

1) ସମୁଦ୍ରାୟନ ମିଶନ୍‌ର ବିକାଶ ଦ୍ୱାରା ପରମାଣୁ ବୁଡ଼ାଜାହାଜ ବିକାଶରେ ଭାରତର କ୍ଷମତା ବୃଦ୍ଧି ପାଇବ

2) ସମୁଦ୍ରାୟନ ମିଶନ୍‌ର ଲକ୍ଷ୍ୟ ଏକ ସ୍ୱୟଂଚାଳିତ ମାନବଚାଳିତ ବୁଡ଼ାଜାହାଜ ବିକଶିତ କରିବା

3) ସମୁଦ୍ରାୟନ ମିଶନର ଲକ୍ଷ୍ୟ 6000 ମିଟର ପର୍ଯ୍ୟନ୍ତ ଗଭୀର ସମୁଦ୍ର ଅନୁସନ୍ଧାନ କରିବା

4) ସମୁଦ୍ରାୟନ ମିଶନର ଲକ୍ଷ୍ୟ ସାମୁଦ୍ରିକ ପର୍ଯ୍ୟଟନକୁ ବୃଦ୍ଧି କରିବା

ନିମ୍ନଲିଖିତ କୋଡ୍‌ଗୁଡ଼ିକରୁ ଠିକ୍ ଉତ୍ତର ଚୟନ କର ।

(A) କେବଳ 1

(B) 2 ଏବଂ 3

(C) 1 ଏବଂ 4 କେବଳ

(D) 4 କେବଳ

41. Which of the following statements regarding India's aquaculture policies is/are correct?

1. The Pradhan Mantri Matsya Sampada Yojana (PMMSY) aims to enhance fish production and boost exports.
2. The Coastal Aquaculture Authority regulates aquaculture activities in brackish water and coastal areas.
3. The National Fisheries Development Board (NFDB) is responsible for promoting modern aquaculture practices.
4. The FAO's Code of Conduct for Responsible Fisheries is legally binding in India.

(A) 1,2, and 3 only

(B) 1 and 4 only

(C) 2 and 4 only

(D) 1, 3, and 4 only

41. ଭାରତର ଜଳକୃଷି ନୀତି ସମ୍ପର୍କରେ ନିମ୍ନଲିଖିତ ବିବୃତିଗୁଡ଼ିକ ମଧ୍ୟରୁ କେଉଁଟି ଠିକ୍ ?

1. ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା (PMMSY) ମାଛ ଉତ୍ପାଦନ ବୃଦ୍ଧି ଏବଂ ରପ୍ତାନି ବୃଦ୍ଧି କରିବା ଲକ୍ଷ୍ୟ ରଖିଛି
2. ଉପକୂଳ ଜଳକୃଷି ପ୍ରାଧିକରଣ ଲୁଣିଆ ପାଣି ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ଜଳକୃଷି କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରେ
3. ଜାତୀୟ ମତ୍ସ୍ୟବିକାଶ ବୋର୍ଡ (NFDB) ଆଧୁନିକ ଜଳକୃଷି ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ଦାୟୀ
4. ଦାୟିତ୍ୱପୂର୍ଣ୍ଣ ମତ୍ସ୍ୟପାଳନ ପାଇଁ FAO ର ଆଚରଣ ସଂହିତା ଭାରତରେ ଆଇନଗତ ଭାବରେ ବାଧ୍ୟତାମୂଳକ

(A) 1, 2 ଓ 3 କେବଳ

(B) 1 ଓ 4 କେବଳ

(C) 2 ଓ 4 କେବଳ

(D) 1, 3, 4 କେବଳ

42. What is the time limit provided for making a complaint under the Prevention of Sexual Harassment of Women at Workplace Act, 2013 (POSH)?

(A) 14 days

(B) One month

(C) Two months

(D) Three months

42. କର୍ମକ୍ଷେତ୍ରରେ ମହିଳାମାନଙ୍କ ଯୌନ ନିର୍ଯ୍ୟାତନା ନିବାରଣ ଆଇନ 2013(POSH) ଅନୁଯାୟୀ ଅଭିଯୋଗ କରିବା ପାଇଁ ସମୟ ସୀମା କେତେ?

(A) ଚଉଦ ଦିନ

(B) ଏକ ମାସ

(C) ଦୁଇ ମାସ

(D) ତିନି ମାସ

43. Consider the following statements about endemic species in India:

1. Endemic species are restricted to a specific geographical location.

2. The Nilgiri Tahr is endemic to the Western Ghats.

3. Endemic species always fall under the IUCN Critically Endangered category.

Which of the statements given above is/are correct?

(A) 1 and 2 only

(B) 2 and 3 only

(C) 1 and 3 only

(D) 1, 2 and 3

44. The Union Public Service Commission (UPSC) is mentioned in which part of the Indian Constitution?

(A) Part VII

(B) Part XIII

(C) Part XIV

(D) Part IX

43. ଭାରତର ସ୍ଥାନୀୟ ପ୍ରଜାତି ବିଷୟରେ ନିମ୍ନଲିଖିତ ଉକ୍ତିଗୁଡ଼ିକ ବିଚାର କରନ୍ତୁ ।

1. ଏକ ନିର୍ଦ୍ଦିଷ୍ଟ ଭୌଗୋଳିକ ସ୍ଥାନ ମଧ୍ୟରେ ସ୍ଥାନୀୟ ପ୍ରଜାତିଗୁଡ଼ିକ ସୀମିତ ହୋଇ ରହିଥାନ୍ତି ।

2. ନୀଳଗିରି ଟର୍ (Tahr) ପଶ୍ଚିମ ଘାଟ ଅଞ୍ଚଳ ଅନ୍ତର୍ଗତ

3. ସ୍ଥାନୀୟ ପ୍ରଜାତିଗୁଡ଼ିକ ସର୍ବଦା IUCN ଗୁରୁତର ଭାବେ ବିପଦଗ୍ରସ୍ତ ବର୍ଗରେ ପରିଗଣିତ ହୋଇଥାଏ ।

ଉପରୋକ୍ତ କେଉଁ ଉକ୍ତିଗୁଡ଼ିକ ସଠିକ୍ ତାହା ଲେଖ ?

(A) କେବଳ 1 ଏବଂ 2

(B) କେବଳ 2 ଏବଂ 3

(C) କେବଳ 1 ଏବଂ 3

(D) କେବଳ 1, 2 ଏବଂ 3

44. ଭାରତୀୟ ସମ୍ବିଧାନର କେଉଁ ଭାଗରେ ୟୁନିୟନ୍ ପବ୍ଲିକ୍ ସର୍ଭିସ୍ କମିଶନ (UPSC) ଉଲ୍ଲେଖ ଅଛି ?

(A) ଭାଗ VII

(B) ଭାଗ XIII

(C) ଭାଗ XIV

(D) ଭାଗ IX

45. Consider the following statements about delimitation and its implications in India:

1. Delimitation is the process of redrawing boundaries of Lok Sabha and state assembly constituencies to represent changes in population.
2. The Delimitation Commission is appointed by the President of India and its orders have the force of law and cannot be challenged in any court.
3. The primary objective of delimitation is to ensure that all constituencies have roughly equal populations, thereby upholding the principle of "one person, one vote."
4. The current delimitation exercise is based on the 2001 Census, with the next one mandated after the first census following 2026.

Which of the above statements are correct?

(A) 1, 2 and 3 only
(B) 1, 3 and 4 only
(C) 2, 3 and 4 only
(D) All of the above

46. Which British Governor - General of India formally annexed Odisha into the British empire?

(A) Warren Hastings
(B) Lord Cornwallis
(C) Lord Wellesley
(D) Lord Dalhousie

45. ସୀମା ନିର୍ଦ୍ଧାରଣ ଏବଂ ଭାରତରେ ଏହାର ପ୍ରଭାବ ବିଷୟରେ ନିମ୍ନଲିଖିତ ମନ୍ତବ୍ୟଗୁଡିକ ବିଚାର କର ।

1. ସୀମା ନିର୍ଦ୍ଧାରଣ ହେଉଛି ଜନସଂଖ୍ୟାରେ ପରିବର୍ତ୍ତନକୁ ପ୍ରତିନିଧିତ୍ୱ କରିବା ପାଇଁ ଲୋକସଭା ଏବଂ ରାଜ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀର ସୀମା ପୁନଃନିର୍ମାଣ କରିବାର ପ୍ରକ୍ରିୟା
2. ସୀମା ନିର୍ଦ୍ଧାରଣ କମିଶନ ଭାରତର ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି ଏବଂ ଏହାର ଆଦେଶ ଆଇନର ବଳ ରଖେ ଏବଂ ଏହାକୁ କୌଣସି କୋର୍ଟରେ ଚ୍ୟାଲେଞ୍ଜ୍ କରାଯାଇପାରିବ ନାହିଁ
3. ସୀମା ନିର୍ଦ୍ଧାରଣର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ସମସ୍ତ ନିର୍ବାଚନ ମଣ୍ଡଳୀର ପ୍ରାୟ ସମାନ ଜନସଂଖ୍ୟା ନିଶ୍ଚିତ କରିବା, ଯାହା ଦ୍ୱାରା, "ଗୋଟିଏ ବ୍ୟକ୍ତି, ଗୋଟିଏ ଭୋଟ" ନୀତିକୁ ବଜାୟ ରଖେ ।
4. ବର୍ତ୍ତମାନର ସୀମା ନିର୍ଦ୍ଧାରଣ ପ୍ରକ୍ରିୟା 2001 ଜନଗଣନା ଉପରେ ଆଧାରିତ ଏବଂ ପରବର୍ତ୍ତୀଟି 2026 ପରେ ପ୍ରଥମ ଜନଗଣନା ପରେ ବାଧ୍ୟତାମୂଳକ

ଉପରଲିଖିତ ବକ୍ତବ୍ୟ ମଧ୍ୟରୁ କେଉଁଟି ଠିକ୍ ?

(A) 1, 2 ଏବଂ 3 କେବଳ
(B) 1, 3 ଏବଂ 4 କେବଳ
(C) 2, 3 ଏବଂ 4 କେବଳ
(D) ଉପରୋକ୍ତ ସମସ୍ତ

46. ଓଡ଼ିଶାକୁ ବ୍ରିଟିଶ ସାମ୍ରାଜ୍ୟ ସହିତ କେଉଁ ବ୍ରିଟିଶ ଗଭର୍ଣ୍ଣର ଜେନେରାଲ ଆନୁଷ୍ଠାନିକ ଭାବେ ସଂଯୁକ୍ତ କରାଇଥିଲେ ?

(A) ୱାରେନ୍ ହେଷ୍ଟିଙ୍ଗ୍ (Warren Hastings)
(B) ଲର୍ଡ କର୍ଣ୍ଣୱାଲିସ (Lord Cornwallis)
(C) ଲର୍ଡ ୱେଲ୍ସଲି (Lord Wellesley)
(D) ଲର୍ଡ ଡେଲାହାଉସି (Lord Dalhousie)

47. Which one among the following does not match properly the Noble Prize category with its 2024 laureate?

(A) Peace - Narges Mohammadi

(B) Literature - Han Kang

(C) Economics - Daron Acemoglu, Simon Johnson & James Robinson

(D) Physics - John Hopfield & Geoffrey Hinton

48. Who made history as the first Black man to win the Oscar for Best Costume Design at the 97th edition of the Academy Awards?

(A) Paul Tazewell

(B) Olivier Persin

(C) Emilia Pérez

(D) Sean Baker

49. Arrange the following texts in their chronological order of composition :

a) Brihalaranyaka upanishad

b) Manusmriti

c) Arthashastra

d) Milinda Panha

(A) a - b - c - d

(B) b - c - a - d

(C) c - a - b - d

(D) a - c - b - d

47. ନିମ୍ନଲିଖିତ ମଧ୍ୟରୁ କେଉଁଟି 2024 ବିଜେତାଙ୍କ ସହିତ ନୋବେଲ୍ ପୁରସ୍କାର ବର୍ଗ ସହିତ ଠିକ୍ ଭାବରେ ମେଳ ଖାଉ ନାହିଁ ?

(A) ଶାନ୍ତି – ନାର୍ଗେସ୍ ମୋହମ୍ମଦୀ

(B) ସାହିତ୍ୟ – ହାନ୍ କଙ୍ଗ୍

(C) ଅର୍ଥନୀତି – ଡାରୋନ୍ ଏସିମୋଗ୍ଲୁ, ସାଇମନ୍ ଜନ୍‌ସନ୍ ଏବଂ ଜେମ୍ସ ରବିନ୍‌ସନ୍

(D) ପଦାର୍ଥବିଜ୍ଞାନ – ଜନ୍ ହପ୍ ଫିଲ୍ଡ୍ ଏବଂ ଜିଓଫ୍ରେ ହିଣ୍ଟନ୍

48. ଏକାଡ଼େମୀ ପୁରସ୍କାରର 97 ତମ ସଂସ୍କରଣରେ ସର୍ବୋତ୍ତମ ପୋଷକ ଡିଜାଇନ୍ ପାଇଁ ଓସ୍କାର ଜିତିଥିବା ପ୍ରଥମ କୃଷ୍ଣକାୟବ୍ୟକ୍ତି ଭାବରେ କିଏ ଇତିହାସ ରଚିଥିଲେ ?

(A) ପଲ୍ ଟାଜେୱେଲ

(B) ଓଲିଭିଏର୍ ପେର୍‌ସିନ୍

(C) ଏମିଲିଆ ପେରେଜ୍

(D) ସିଏନ୍ ବେକର

49. କାଳକ୍ରମିକ ରଚନା ଅନୁସାରେ ନିମ୍ନ ଗ୍ରନ୍ଥଗୁଡ଼ିକ ସୂଚାଅ ।

a) ବୃହଦାରଣ୍ୟକ ଉପନିଷଦ

b) ମନୁସ୍ମୃତି

c) ଅର୍ଥଶାସ୍ତ୍ର

d) ମିଳିନ୍ଦପନ୍ହ

(A) a - b - c - d

(B) b - c - a - d

(C) c - a - b - d

(D) a - c - b - d

50. Consider the following statements about India's Nationally Determined Contributions (NDCs):

1) India has committed to reduce the emissions intensity of its GDP by 45% by 2030 from 2005 levels.
2) India aims to achieve about 50% cumulative electric power installed capacity from non-fossil fuel sources by 2030.
3) India's updated NDC is linked to the Panchamrit announcement made at COP26.

Which of the statements given above is/are correct?

(A) 1 and 2 only
(B) 2 and 3 only
(C) 1 and 3 only
(D) 1, 2 and 3

51. Who has been appointed as India's new Deputy National security Adviser as of August 2025?

(A) Rajinder Khanna
(B) T. V. Ravichandran
(C) Anish Dayal Singh
(D) Pankaj Kumar Singh

52. Match the following :

| Day | United Nations Events |
|---|---|
| a) 3 March | 1) World Wildlife Day |
| b) 7 April | 2) World Health Day |
| c) 3 May | 3) World Press Freedom day |
| d) 20 June | 4) World Refugee day |

Select the correct answer from the codes given below :

(A) a-1 b-2 c-3 d-4
(B) a-2 b-3 c-4 d-1
(C) a-1 b-3 c-4 d-2
(D) a-3 b-2 c-1 d-4

50. ଭାରତର ଜାତୀୟତା ନିର୍ଦ୍ଧାରିତ ଅବଦାନ (NDCs) ବିଷୟରେ ନିମ୍ନଲିଖିତ ଉକ୍ତିଗୁଡ଼ିକ ବିଚାର କରନ୍ତୁ ।

1) ଭାରତ 2005 ରୁ 2030 ସୁଦ୍ଧା ଏହାର GDP ର ନିର୍ଗମନ ତୀବ୍ରତାକୁ 45% ହ୍ରାସ କରିବା ପାଇଁ ଦୃଢ଼ ପ୍ରତିଶ୍ରୁତିବଦ୍ଧ ହୋଇଛି ।
2) ଭାରତ 2030 ସୁଦ୍ଧା ଅଣ-ଜୀବାଶ୍ମ ଇନ୍ଧନ ଉତ୍ସରୁ ପ୍ରାୟ 50% ସଂଚୟୀକ ବିଦ୍ୟୁତ ଶକ୍ତି ସ୍ଥାପିତ କ୍ଷମତା ହାସଲ କରିବା ପାଇଁ ଲକ୍ଷ୍ୟ ରଖିଛି ।
3) ଭାରତର ଅଦ୍ୟତନ NDC, COP26 ରେ ହୋଇଥିବା 'ପଞ୍ଚାମୃତ' ଘୋଷଣା ସହିତ ସଂପୃକ୍ତ ।

ଉପରୋକ୍ତ ଉକ୍ତିଗୁଡ଼ିକ ମଧ୍ୟରୁ ସଠିକ ଉକ୍ତି ଲେଖ ।

(A) କେବଳ 1 ଏବଂ 2
(B) କେବଳ 2 ଏବଂ 3
(C) କେବଳ 1 ଏବଂ 3
(D) କେବଳ 1, 2 ଏବଂ 3

51. ଅଗଷ୍ଟ 2025 ସୁଦ୍ଧା ଭାରତର ନୂତନ ଉପ-ଜାତୀୟ ସୁରକ୍ଷା ପରାମର୍ଶଦାତା ଭାବରେ କାହାକୁ ନିଯୁକ୍ତ କରାଯାଇଛି ?

(A) ରାଜିନ୍ଦର ଖାନ୍ନା
(B) ଟି.ଭି. ରବିଚନ୍ଦ୍ରନ୍
(C) ଅନିଶ୍ ଦୟାଲ୍ ସିଂହ
(D) ପଙ୍କଜ କୁମାର ସିଂହ

52. ନିମ୍ନଲିଖିତ ସହିତ ମେଳ କର :

| ଦିବସ | ଜାତିସଂଘର କାର୍ଯ୍ୟକ୍ରମ |
|---|---|
| a) 3 ମାର୍ଚ୍ଚ | 1) ବିଶ୍ୱ ବନ୍ୟପ୍ରାଣୀ ଦିବସ |
| b) 7 ଏପ୍ରିଲ୍ | 2) ବିଶ୍ୱ ସ୍ୱାସ୍ଥ୍ୟ ଦିବସ |
| c) 3 ମେ | 3) ବିଶ୍ୱ ପ୍ରେସ୍ ସ୍ୱାଧୀନତା ଦିବସ |
| d) 20 ଜୁନ୍ | 4) ବିଶ୍ୱ ଶରଣାର୍ଥୀ ଦିବସ |

ନିମ୍ନଲିଖିତ କୋଡ୍ ଗୁଡ଼ିକରୁ ଠିକ୍ ଉତ୍ତର ବାଛ :

(A) a-1 b-2 c-3 d-4
(B) a-2 b-3 c-4 d-1
(C) a-1 b-3 c-4 d-2
(D) a-3 b-2 c-1 d-4

53. What was the official theme of the 38th National Games?

(A) Fit India

(B) Sustainable Olympics

(C) Green Games

(D) Eco-Sports Initiative

54. Match List - I with List - II and select from Code :

| List - I (Colonial Policies/events) | List - II (Impact on Odisha) |
|---|---|
| a) Permanent Settlement (1793) | 1. Aggravated economic distress of Odisha peasants |
| b) British Reorganization after Maratha defeat | 2. Led to the inclusion of Odia speaking tracts under different presidencies |
| c) Imposition of Bengali | 3. Caused resentment and fueled Odia linguistic identity movement |
| d) Slavery Abolition (1843) | 4. Enacted by Lord Ellenborough in Odisha |
| e) Simon Commission | 5. Petitioned by Krushna Chandra Gajapati for separate province |

Code :

(A) a-1, b-2, c-3, d-4, e-5

(B) a-2, b-1, c-3, d-4, e-5

(C) a-4, b-5, c-1, d-3, e-2

(D) a-5, b-3, c-4, d-2, e-1

53. 38ତମ ଜାତୀୟ କ୍ରୀଡ଼ାର ସରକାରୀ ବିଷୟବସ୍ତୁ କ'ଣ ଥିଲା ?

(A) ଫିଟ୍ ଇଣ୍ଡିଆ

(B) ସ୍ଥାୟୀ ଅଲିମ୍ପିକ୍ସ

(C) ଗ୍ରୀନ୍ ଗେମସ୍

(D) ଇକୋ-କ୍ରୀଡ଼ା ପଦକ୍ଷେପ

54. ସ୍ତମ୍ଭ-I ଓ ସ୍ତମ୍ଭ-II, ସଂକେତ ଆଧାରରେ ମେଳ କର ।

| ସ୍ତମ୍ଭ-I (ଉପନିବେଶିକ ନୀତି/ ଘୋଷଣା) | ସ୍ତମ୍ଭ-II (ଓଡ଼ିଶା ଉପରେ ପ୍ରଭାବ) |
|---|---|
| a) ସ୍ଥାୟୀ ବନ୍ଦୋବସ୍ତ (1793) | 1. ଓଡ଼ିଶାର କୃଷକମାନଙ୍କ ଅର୍ଥନୈତିକ ଦୁର୍ଦ୍ଦଶା |
| b) ମରାଠା ପରାଜୟ ପରେ ବ୍ରିଟିଶ ମାନଙ୍କର ପୁନର୍ଗଠନ | 2. ବିଭିନ୍ନ ପ୍ରଶାସନ ଅଞ୍ଚଳରେ ଓଡ଼ିଆ ଭାଷାଭାଷୀଙ୍କ ସମ୍ମିଶ୍ରଣ |
| c) ବଙ୍ଗାଳୀ ପ୍ରଭାବ | 3. ଅସନ୍ତୋଷ ସୃଷ୍ଟି କରିଥିଲେ ଏବଂ ଓଡ଼ିଆ ଭାଷା ଆନ୍ଦୋଳନକୁ ପ୍ରୋତ୍ସାହିତ କରିଥିଲେ |
| d) ଦାସତ୍ୱ ବିଲୋପ | 4. ଓଡ଼ିଶାରେ ଲର୍ଡ ଏଲେନବରୋଙ୍କ ଦ୍ୱାରା ପ୍ରଣୀତ |
| e) ସାଇମନ କମିଶନ | 5. ସ୍ୱତନ୍ତ୍ର ପ୍ରଦେଶ ପାଇଁ କୃଷ୍ଣଚନ୍ଦ୍ର ଗଜପତିଙ୍କ ଦ୍ୱାରା ଆବେଦନ |

ସଂକେତ :

(A) a-1, b-2, c-3, d-4, e-5

(B) a-2, b-1, c-3, d-4, e-5

(C) a-4, b-5, c-1, d-3, e-2

(D) a-5, b-3, c-4, d-2, e-1

**55.** Match List - I (Indian Rivers) with List - II (Their Tributaries) and select the correct answer using the code given below the lists

| List-I (Indian Rivers) | List-II (Tributaries) |
|---|---|
| (a) Chambal | 1. Bhima |
| (b) Cauvery | 2. Noyyal |
| (c) Krishna | 3. Banas |
| (d) Godavari | 4. Manjra |

Codes :

| | (a) | (b) | (c) | (d) |
|---|---|---|---|---|
| (A) | 2 | 1 | 3 | 4 |
| (B) | 3 | 2 | 1 | 4 |
| (C) | 4 | 3 | 2 | 1 |
| (D) | 3 | 4 | 2 | 1 |

**56.** Match List - I (Rivers of Odisha) with List - II (Their Tributaries) and select the correct answer using the code given below the lists

| List-I (Rivers of Odisha) | List-II (Tributaries) |
|---|---|
| (a) Mahanadi | 1. Sankha |
| (b) Brahmani | 2. Raru |
| (c) Baitarani | 3. Ong |
| (d) Subarnarekha | 4. Deo |

Codes :

| | (a) | (b) | (c) | (d) |
|---|---|---|---|---|
| (A) | 2 | 1 | 3 | 4 |
| (B) | 3 | 2 | 1 | 4 |
| (C) | 3 | 1 | 4 | 2 |
| (D) | 3 | 4 | 2 | 1 |

**55.** ତାଲିକା-I (ଭାରତୀୟ ନଦୀ - Indian Rivers) ସହିତ ତାଲିକା-II (ସେଗୁଡ଼ିକର ଉପନଦୀ - Their Tributaries) ମେଳାନ୍ତୁ କୋଡ୍ ବ୍ୟବହାର କରି ସଠିକ ଉତ୍ତର ବାଛନ୍ତୁ ।

| List-I (ଭାରତୀୟ ନଦୀ) | List-II (ଉପନଦୀ) |
|---|---|
| (a) ଚମ୍ବଲ | 1. ଭୀମା |
| (b) କାବେରୀ | 2. ନୋୟାଲ |
| (c) କ୍ରିଷ୍ଣା | 3. ବନସ୍ |
| (d) ଗୋଦାବରୀ | 4. ମାଞ୍ଜ୍ରା |

ସଂକେତ :

| | (a) | (b) | (c) | (d) |
|---|---|---|---|---|
| (A) | 2 | 1 | 3 | 4 |
| (B) | 3 | 2 | 1 | 4 |
| (C) | 4 | 3 | 2 | 1 |
| (D) | 3 | 4 | 2 | 1 |

**56.** ତାଲିକା - I (ଓଡ଼ିଶାର ନଦୀ) ସହିତ ତାଲିକା - II (ସେଗୁଡ଼ିକର ଉପନଦୀ) ମେଳାନ୍ତୁ ଏବଂ କୋଡ ବ୍ୟବହାର କରି ସଠିକ ଉତ୍ତର ବାଛନ୍ତୁ

| ତାଲିକା - I (ଓଡ଼ିଶାର ନଦୀ) | ତାଲିକା - II (ଓଡ଼ିଶାର ଉପନଦୀ) |
|---|---|
| (a) ମହାନଦୀ | 1. ଶଙ୍ଖ |
| (b) ବ୍ରାହ୍ମଣୀ | 2. ରାରୁ |
| (c) ବୈତରଣୀ | 3. ଅଙ୍ଗ |
| (d) ସୁବର୍ଣ୍ଣରେଖା | 4. ଦେଓ |

କୋଡ୍ :

| | (a) | (b) | (c) | (d) |
|---|---|---|---|---|
| (A) | 2 | 1 | 3 | 4 |
| (B) | 3 | 2 | 1 | 4 |
| (C) | 3 | 1 | 4 | 2 |
| (D) | 3 | 4 | 2 | 1 |

57. Who were the first to issue gold coins in India?

(A) Kushans

(B) Sakas

(C) Parthians

(D) Indo Greeks

58. The Department of Social Justice and Empowerment (DoSJE) recently signed an MoU with which organisation to enhance public awareness about social justice schemes?

(A) Ministry of Defence

(B) National Human Rights Commission (NHRC)

(C) National Legal Services Authority (NALSA)

(D) Central Vigilance Commission

59. Match the initiative with its year of launch:

| Scheme | | Year | |
|---|---|---|---|
| a) | Ayushman Bharat | 1) | 2006 |
| b) | National Skill Development Mission | 2) | 2018 |
| c) | MGNREGS | 3) | 2015 |
| d) | Pradhan Mantri Jan Dhan Yojana | 4) | 2014 |

Options:

(A) a-2, b-3, c-1, d-4

(B) a-4, b-1, c-2, d-3

(C) a-3, b-2, c-4, d-1

(D) a-1, b-4, c-3, d-2

57. ଭାରତରେ ପ୍ରଥମେ ସ୍ୱର୍ଣ୍ଣମୁଦ୍ରା କେଉଁମାନେ ପ୍ରଚଳନ କରିଥିଲେ ?

(A) କୁଶାଣ

(B) ଶକ

(C) ପାର୍ଥିଆନ

(D) ଇଣ୍ଡୋ-ଗ୍ରୀକ୍

58. ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ବିଭାଗ (DoSJE) ସାମାଜିକ ନ୍ୟାୟ ଯୋଜନା ବିଷୟରେ ଜନସଚେତନତା ବୃଦ୍ଧି କରିବା ପାଇଁ ସମ୍ପ୍ରତି କେଉଁ ସଂଗଠନ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି ?

(A) ପ୍ରତିରକ୍ଷା ମନ୍ତ୍ରଣାଳୟ

(B) ଜାତୀୟ ମାନବାଧିକାର କମିଶନ (NHRC)

(C) ଜାତୀୟ ଆଇନଗତ ସେବା ପ୍ରାଧିକରଣ (NALSA)

(D) କେନ୍ଦ୍ରୀୟ ସତର୍କତା କମିଶନ

59. ଏହାର ଆରମ୍ଭବର୍ଷ ସହିତ ପ୍ରୟାସକୁ ମେଳ କର :

| ଯୋଜନା | | ବର୍ଷ | |
|---|---|---|---|
| a) | ଆୟୁଷ୍ମାନ୍ ଭାରତ | 1) | 2006 |
| b) | National Skill Development Mission | 2) | 2018 |
| c) | MGNREGS | 3) | 2015 |
| d) | ପ୍ରଧାନମନ୍ତ୍ରୀ ଜନଧନ ଯୋଜନା | 4) | 2014 |

ବିକଳ୍ପଗୁଡ଼ିକ :

(A) a-2, b-3, c-1, d-4

(B) a-4, b-1, c-2, d-3

(C) a-3, b-2, c-4, d-1

(D) a-1, b-4, c-3, d-2

60. Match the following Rajput rulers with their notable battles or events :

| | |
|---|---|
| a) Rana Sanga | 1) Battle of Haldighati |
| b) Maharana Pratap | 2) Battle of Khanwa |
| c) Rao Chandra Sen | 3) Struggle against Akbar |
| d) Raja Man Singh | 4) Conquest of Odisha |

(A) a-2, b-1, c-3, d-4
(B) a-1, b-3, c-2, d-4
(C) a-3, b-2, c-4, d-1
(D) a-4, b-2, c-1, d-3

61. Consider the following statements regarding the structural transformation of the Indian economy:

1. India's economic growth since the 1990s has been primarily led by the services sector, with a relatively smaller contribution from manufacturing.
2. The "Make in India" initiative aims to increase the manufacturing sector's share in GDP to 25% and create 100 million additional jobs by 2022.
3. Despite rapid economic growth, the share of the agricultural sector in India's GDP has consistently declined, while its share in employment remains significant.
4. The phenomenon of "premature deindustrialization" in India refers to the services sector growing rapidly without a strong manufacturing base.

Which of the above statements are correct?

(A) 1, 2 and 3 only
(B) 1,3 and 4 only
(C) 2,3 and 4 only
(D) All of the above

60. ନିମ୍ନ ରାଜପୁତ ଶାସକମାନଙ୍କ ସହ ସେମାନଙ୍କ ଯୁଦ୍ଧ କିମ୍ବା ଘଟଣା ମେଳାଅ ।

| | |
|---|---|
| a) ରାଣା ସଙ୍ଗ | 1) ହଳଦୀଘାଟ ଯୁଦ୍ଧ |
| b) ମହାରାଣା ପ୍ରତାପ | 2) ଖାନୱା ଯୁଦ୍ଧ |
| c) ରାଜେନ୍ଦ୍ର ସେନ | 3) ଆକବରଙ୍କ ବିରୁଦ୍ଧରେ ସଂଗ୍ରାମ |
| d) ରାଜା ମାନସିଂହ | 4) ଓଡ଼ିଶା ବିଜୟ |

(A) a-2, b-1, c-3, d-4
(B) a-1, b-3, c-2, d-4
(C) a-3, b-2, c-4, d-1
(D) a-4, b-2, c-1, d-3

61. ଭାରତୀୟ ଅର୍ଥନୀତିର ସାଙ୍ଗଠନିକ ପରିବର୍ତ୍ତନ ସମ୍ପର୍କରେ ନିମ୍ନଲିଖିତ ବିବୃତ୍ତିଗୁଡ଼ିକ ବିଚାର କର ।

1. 1990 ଦଶକରୁ ଭାରତର ଅର୍ଥନୈତିକ ଅଭିବୃଦ୍ଧି ମୁଖ୍ୟତଃ ସେବାକ୍ଷେତ୍ର ଦ୍ୱାରା ପରିଚାଳିତ ହୋଇଛି, ଯେଉଁଥିରେ ଉତ୍ପାଦନ କ୍ଷେତ୍ରର ଅବଦାନ ତୁଳନାତ୍ମକ ଭାବରେ କମ୍
2. 'ମେକ୍ ଇନ୍ ଇଣ୍ଡିଆ' ପଦକ୍ଷେପର ଲକ୍ଷ୍ୟ ହେଉଛି 2022 ସୁଦ୍ଧା GDP ରେ ଉତ୍ପାଦନ କ୍ଷେତ୍ରର ଅଂଶକୁ 25% କୁ ବୃଦ୍ଧି କରିବା ଏବଂ 100 ନିୟୁତ ଅତିରିକ୍ତ ନିଯୁକ୍ତି ସୃଷ୍ଟି କରିବା
3. ଦ୍ରୁତ ଆର୍ଥିକ ଅଭିବୃଦ୍ଧି ସତ୍ତ୍ୱେ ଭାରତର GDP ରେ କୃଷିକ୍ଷେତ୍ରର ଅଂଶ ନିରନ୍ତର ହ୍ରାସ ପାଉଛି, ଯେତେବେଳେ ନିଯୁକ୍ତିରେ ଏହାର ଅଂଶ ଗୁରୁତ୍ୱପୂର୍ଣ୍ଣ ରହିଛି ।
4. ଭାରତରେ "ଅକାଳ ନିରୁଦ୍ୟୋଗୀ କରଣ (deindustrialization)" ଘଟଣା ହେଉଛି ସେବାକ୍ଷେତ୍ରକୁ ଏକ ଦୃଢ଼ ଉତ୍ପାଦନ ଆଧାର ବିନା ଦ୍ରୁତଗତିରେ ବୃଦ୍ଧି ପାଉଥିବାକୁ ବୁଝାଏ ।

ଉପରଲିଖିତ କେଉଁ ବକ୍ତବ୍ୟଗୁଡ଼ିକ ଠିକ୍ ?

(A) 1, 2 ଏବଂ 3 କେବଳ
(B) 1,3 ଏବଂ 4 କେବଳ
(C) 2, 3 ଏବଂ 4 କେବଳ
(D) ଉପରୋକ୍ତ ସମସ୍ତ

62. Which one of the following Article of Indian constitution provides that the law declared by the Supreme Court shall be binding on all courts within the territory of India?

(A) Article 131

(B) Article 141

(C) Article 144

(D) Article 145

63. Which of the following statements about G-20 is NOT correct?

(A) The G20 was established in 1999.

(B) USA hosted the first G20 Summit of leaders in 2008.

(C) The presidency of the G20 rotates every year among member countries.

(D) Chile is a member of G20.

64. The foundational ideology of the Hindustan Socialist Republican Association was inspired by :

(A) Italian nationalist movement and the works of Mazzini

(B) Leninist Communism and the Russian Revolution

(C) American War of Independence and George Washington

(D) Irish freedom struggle and Sinn Fein Movement

62. ନିମ୍ନଲିଖିତ କେଉଁ ଭାରତୀୟ ସମ୍ବିଧାନର ଧାରାରେ କୁହାଯାଇଛି ଯେ ସୁପ୍ରିମ୍‌କୋର୍ଟ ଦ୍ୱାରା ଘୋଷିତ ଆଇନ ଭାରତର କ୍ଷେତ୍ର ମଧ୍ୟରେ ସମସ୍ତ ଅଦାଲତ ପାଇଁ ବାଧ୍ୟତାମୂଳକ ହେବ ?

(A) Article 131

(B) Article 141

(C) Article 144

(D) Article 145

63. G-20 ବିଷୟରେ ନିମ୍ନଲିଖିତ କେଉଁବିବୃତି ଠିକ୍ ନୁହେଁ ?

(A) G20 1999 ରେ ପ୍ରତିଷ୍ଠିତ ହୋଇଥିଲା

(B) 2008 ରେ ଆମେରିକା ପ୍ରଥମ G20 ନେତା ସମ୍ମିଳନୀ ଆୟୋଜନ କରିଥିଲା

(C) G20 ର ସଭାପତିତ୍ୱ ପ୍ରତିବର୍ଷ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ଘୂର୍ଣ୍ଣନ ହୁଏ

(D) ଚିଲି G20 ର ସଦସ୍ୟ

64. ହିନ୍ଦୁସ୍ଥାନ ସମାଜବାଦୀ ଗଣରାଜ୍ୟ ସଂଘର ମୂଳ ନୀତି କାହାଙ୍କ ଦ୍ୱାରା ଅନୁପ୍ରେରିତ ହୋଇଥିଲା ?

(A) ଇଟାଲୀର ଜାତୀୟତାବାଦୀ ଆନ୍ଦୋଳନ ଓ ମାଜ୍‌ନିଙ୍କ କାର୍ଯ୍ୟାବଳୀ

(B) ଲେଲିନବାଦୀ ସାମ୍ୟବାଦ ଓ ରୁଷ ବିପ୍ଳବ

(C) ଆମେରିକାର ସ୍ୱାଧୀନତା ସଂଗ୍ରାମ ଓ ଜର୍ଜ୍ଜ ୱାସିଂଟନ

(D) ଆୟରଲ୍ୟାଣ୍ଡ ସ୍ୱାଧୀନତା ସଂଗ୍ରାମ ଓ ସିନ୍‌ଫେନ ଆନ୍ଦୋଳନ

65. Which of the following fundamental rights is available only to Indian citizens and not to foreigners?

(A) Right to Equality before Law (Article 14)

(B) Freedom of Speech and Expression (Article 19)

(C) Protection in respect of conviction for offences (Article 20)

(D) Right to Life and Personal Liberty (Article 21)

66. Match List - I (Geological Structure) with List - II (Economic Importance) and select the correct answer using the code given below the lists

| List-I (Geological Structure) | List-II (Economic Importance) |
|---|---|
| (a) Siwalik Hills | 1. Coal, Mica, and Uranium Resources |
| (b) Deccan Traps | 2. Black cotton soils, Sugarcane agriculture |
| (c) Singhbhum Craton | 3. Fossil-rich Sedimentary deposit |
| (d) Chhota Nagpur Plateau | 4. Rich in Iron ore deposits |

Codes :

| | (a) | (b) | (c) | (d) |
|---|---|---|---|---|
| (A) | 2 | 1 | 3 | 4 |
| (B) | 3 | 2 | 1 | 4 |
| (C) | 3 | 2 | 4 | 1 |
| (D) | 3 | 4 | 2 | 1 |

65. ନିମ୍ନଲିଖିତ ମଧ୍ୟରୁ କେଉଁ ମୌଳିକ ଅଧିକାର କେବଳ ଭାରତୀୟ ନାଗରିକଙ୍କ ପାଇଁ ଉପଲବ୍ଧ ଏବଂ ବିଦେଶୀଙ୍କ ପାଇଁ ନୁହେଁ ?

(A) ଆଇନ ସମ୍ମୁଖରେ ସମାନତାର ଅଧିକାର (ଧାରା 14)

(B) ବାକ୍ ଏବଂ ଅଭିବ୍ୟକ୍ତିର ସ୍ୱାଧୀନତା (ଧାରା 19)

(C) ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହେବା ସମ୍ପର୍କରେ ସୁରକ୍ଷା (ଧାରା 20)

(D) ଜୀବନ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାର (ଧାରା 21)

66. ତାଲିକା-I (ଭୌଗୋଳିକ ରୂପ - Geological Structure) ସହିତ ତାଲିକା-II (ଆର୍ଥନୀତିକ ପ୍ରାଧାନ୍ୟ - Economic Importance) ମେଳାନ୍ତୁ ଏବଂ କୋଡ୍ ବ୍ୟବହାର କରି ସଠିକ ଉତ୍ତର ବାଛନ୍ତୁ ।

| ତାଲିକା-I (ଭୌଗୋଳିକ ରୂପ) | ତାଲିକା-II (ଆର୍ଥନୀତିକ ପ୍ରାଧାନ୍ୟ) |
|---|---|
| (a) Siwalik Hills | 1. Coal, Mica, and Uranium Resources |
| (b) Deccan Traps | 2. Black cotton soils, Sugarcane agriculture |
| (c) Singhbhum Craton | 3. Fossil-rich Sedimentary deposit |
| (d) Chhota Nagpur Plateau | 4. Rich in Iron ore deposits |

ସଂକେତ :

| | (a) | (b) | (c) | (d) |
|---|---|---|---|---|
| (A) | 2 | 1 | 3 | 4 |
| (B) | 3 | 2 | 1 | 4 |
| (C) | 3 | 2 | 4 | 1 |
| (D) | 3 | 4 | 2 | 1 |

67. As per the Global Hunger Index 2023, India ranks at which position globally?

(A) 105

(B) 107

(C) 111

(D) 115

68. Consider the following statements regarding ecological pyramids:

1. In a parasitic food chain, the pyramid of numbers is always upright,

2. Pyramids of biomass are always inverted in marine ecosystems.

3. Pyramids of energy are never inverted.

Which of the statements given above is/are correct?

(A) 1 only

(B) 2 and 3 only

(C) 1 and 3 only

(D) 1,2 and 3

67. ବିଶ୍ୱ କ୍ଷୁଧା ସୂଚକାଙ୍କ 2023 ଅନୁଯାୟୀ, ଭାରତ ବିଶ୍ୱସ୍ତରରେ କେଉଁସ୍ଥାନରେ ଅଛି ?

(A) 105

(B) 107

(C) 111

(D) 115

68. ପରିବେଶଗତ ପିରାମିଡ ସମ୍ପର୍କରେ ନିମ୍ନଲିଖିତ ଉକ୍ତିଗୁଡିକୁ ବିଚାର କର ।

1. ଏକ ପରଜୀବୀ ଖାଦ୍ୟ ଶୃଙ୍ଖଳାରେ, ସଂଖ୍ୟାର ପିରାମିଡ ସର୍ବଦା ସିଧାସଳଖ ରହିଥାଏ

2. ସାମୁଦ୍ରିକ ପରିସଂସ୍ଥାରେ ଜୈବସାର ପିରାମିଡ୍ ସର୍ବଦା ଓଲଟା ରହିଥାଏ

3. ଶକ୍ତିର ପିରାମିଡ କେବେ ବି ଓଲଟା ହୁଏ ନାହିଁ

ଉପରେ ଦର୍ଶାଯାଇଥିବା ଉକ୍ତିଗୁଡ଼ିକ ମଧ୍ୟରୁ କେଉଁଟି ସଠିକ୍ ?

(A) କେବଳ 1

(B) କେବଳ 2 ଏବଂ 3

(C) କେବଳ 1 ଏବଂ 3

(D) କେବଳ 1, 2 ଏବଂ 3

69. Consider the following statements about the Attorney General of India:

1. He is appointed by the President and holds office during the pleasure of the President.
2. He has the right to participate in proceedings of Parliament but without voting rights.
3. He must have qualifications equivalent to that of a Supreme Court judge.
4. His remuneration is fixed by the Parliament through a law under Article 148 of the constitution

Options:

(A) 1, 2 and 3 only

(B) 1 and 2 only

(C) 1, 2 and 4 only

(D) 2, 3 and 4 only

70. Which of the following statements about the Chenab Rail Bridge is correct?

1) It is a Cable-stayed bridge.
2) The Chenab Rail Bridge is taller than the Eiffel Tower.
3) It is a part of the Golden Quadrilateral Railway Project.
4) It is the world's highest Railway arch bridge.

Select the correct answer from the codes given below :

(A) 1 and 3

(B) 3 only

(C) 1 only

(D) 2 and 4

69. ଭାରତର ଆଟର୍ଣ୍ଣି ଜେନେରାଲ୍‌ଙ୍କ ବିଷୟରେ ନିମ୍ନଲିଖିତ ବିବୃତ୍ତିଗୁଡ଼ିକ ବିଚାର କର :

1. ତାଙ୍କୁ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ କରାଯାଏ ଏବଂ ରାଷ୍ଟ୍ରପତିଙ୍କ ଖୁସି ସମୟରେ ସେ ପଦବୀରେ ଥାଆନ୍ତି
2. ତାଙ୍କର ସଂସଦର କାର୍ଯ୍ୟରେ ଅଂଶଗ୍ରହଣ କରିବାର ଅଧିକାର ଅଛି କିନ୍ତୁ ଭୋଟ ଦେବାର ଅଧିକାର ନାହିଁ
3. ତାଙ୍କର ସୁପ୍ରିମକୋର୍ଟ ବିଚାରପତିଙ୍କ ସମକକ୍ଷ ଯୋଗ୍ୟତା ରହିବା ଆବଶ୍ୟକ
4. ତାଙ୍କର ପାରିଶ୍ରମିକ ସଂସଦ ଦ୍ୱାରା ସମ୍ବିଧାନର ଧାରା 148 ଅନୁଯାୟୀ ଏକ ଆଇନ ମାଧ୍ୟମରେ ସ୍ଥିର କରାଯାଇଛି

ବିକଳ୍ପଗୁଡ଼ିକ:

(A) 1, 2 ଏବଂ କେବଳ 3

(B) 1 ଏବଂ 2 କେବଳ

(C) 1, 2 ଏବଂ 4 କେବଳ

(D) 2, 3 ଏବଂ 4 କେବଳ

70. ଚେନାବ ରେଳସେତୁ ବିଷୟରେ ନିମ୍ନଲିଖିତ କେଉଁ ବିବୃତ୍ତିଟି ଠିକ୍ ?

1) ଏହା ଏକ କେବୁଲ-ଷ୍ଟେଡ୍ (stayed) ସେତୁ
2) ଚେନାବ ରେଳସେତୁ ଆଇଫେଲ୍ ଟାୱାର୍‌ଠାରୁ ଉଚ୍ଚ
3) ଏହା ସ୍ୱର୍ଣ୍ଣ ଚତୁର୍ଭୁଜ ରେଳପ୍ରକଳ୍ପର ଏକ ଅଂଶ
4) ଏହା ବିଶ୍ୱର ସର୍ବୋଚ୍ଚ ରେଳ ତୋରଣ ସେତୁ

ନିମ୍ନଲିଖିତ କୋଡ୍ ଗୁଡ଼ିକରୁ ଠିକ୍ ଉତ୍ତର ଚୟନ କର ।

(A) 1 ଏବଂ 3

(B) କେବଳ 3

(C) କେବଳ 1

(D) 2 ଏବଂ 4

71. Which of the following pairs is correctly matched regarding Schedules of the Indian Constitution?

(A) 6th Schedule - Languages recognized by the Constitution

(B) 7th Schedule - Division of powers between Union and States

(C) 8th Schedule - Land Reforms and Ceiling on Landholdings

(D) 9th Schedule - Tribal Areas of Assam, Meghalaya, Tripura, Mizoram

72. Which category under the IUCN classification is not directly recognized in the Indian Wildlife (Protection) Act, 1972?

(A) Critically Endangered

(B) Vulnerable

(C) Endemic

(D) Extinct in the Wild

73. Acetylsalicylic acid is known as:

(A) Oil of wintergreen

(B) Aspirin

(C) Ibuprofen

(D) Paracetamol

71. ଭାରତୀୟ ସମ୍ବିଧାନର ସୂଚୀ ଅନୁଯାୟୀ ନିମ୍ନଲିଖିତ ମଧ୍ୟରୁ କେଉଁ ଯୋଡ଼ି ଠିକ୍ ଭାବରେ ମେଳ ଖାଉଛି ?

(A) ଷଷ୍ଠ ଅନୁସୂଚୀ - ସମ୍ବିଧାନ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଭାଷା

(B) ସପ୍ତମ ଅନୁସୂଚୀ - କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ କ୍ଷମତା ବିଭାଜନ

(C) ଅଷ୍ଟମ ଅନୁସୂଚୀ - ଭୂମି ସଂସ୍କାର ଏବଂ ଭୂମି ଅଧିକାର ଉପରେ ସୀମା

(D) ନବମ ଅନୁସୂଚୀ - ଆସାମ, ମେଘାଳୟ, ତ୍ରିପୁରା, ମିଜୋରାମ୍‌ର ଆଦିବାସୀ ଅଞ୍ଚଳ

72. IUCN ବିଭାଗୀକରଣର ପରିସରଭୁକ୍ତ କେଉଁ ବିଭାଗକୁ ଭାରତୀୟ ବନ୍ୟ ପ୍ରାଣୀ (ସୁରକ୍ଷା) ଆଇନ, 1972 ରେ ସିଧାସଳଖ ସ୍ୱୀକୃତି ପ୍ରଦାନ କରାଯାଇଛି ।

(A) ଗୁରୁତର ଭାବରେ ବିପଦଗ୍ରସ୍ତ

(B) ଦୁର୍ବଳ (Vulnerable)

(C) ସ୍ଥାନୀୟ (Endemic)

(D) ଜଙ୍ଗଲରେ ବିଲୁପ୍ତ

73. Acetylsalicylic acid ହେଉଛି -

(A) ଅଏଲ ଅଫ୍ ଓ୍ୱିଣ୍ଟରଗ୍ରୀନ

(B) ଆସପିରିନ୍

(C) ଇବୋପ୍ରୋଫେନ

(D) ପାରାସିଟାମଲ

**74.** Match List - I with List - II and select from Code :

| List - I (Name) | List - II (Activities) |
|---|---|
| a) Madhusudan Das | 1) Leader of Khurda Rebellion |
| b) Buxi Jagabandhu | 2) Founder of Utkal Sammilani |
| c) Fakir Mohan Senapati | 3) Pioneer of Modern Odia literature |
| d) Krushna Chandra Gajapati | 4) Played Key role in Odisha's separate province formation |

Code :

(A) a-1, b-2, c-3, d-4

(B) a-2, b-1, c-3, d-4

(C) a-4, b-2, c-1, d-3

(D) a-1, b-3, c-4, d-2

**75.** What does NISAR stand for?

(A) NASA-ISRO Space and Aeronautics Research

(B) NASA-ISRO Synthetic Aperture Radar

(C) National Indian Space and Aeronautics Radar

(D) NASA International Satellite for Advanced Research

**74.** ସଂକେତ ଆଧାରରେ ସ୍ତମ୍ଭ–I ସହିତ ସ୍ତମ୍ଭ–II ମେଳ କର ।

| ସ୍ତମ୍ଭ – I (ନାମ) | ସ୍ତମ୍ଭ – II (କାର୍ଯ୍ୟକଳାପ) |
|---|---|
| a) ମଧୁସୂଦନ ଦାସ | 1) ଖୋର୍ଦ୍ଧା ବିଦ୍ରୋହର ନେତା |
| b) ବକ୍ସି ଜଗବନ୍ଧୁ | 2) ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା |
| c) ଫକୀର ମୋହନ ସେନାପତି | 3) ଆଧୁନିକ ଓଡ଼ିଆ ସାହିତ୍ୟର ସ୍ରଷ୍ଟା |
| d) କୃଷ୍ଣଚନ୍ଦ୍ର ଗଜପତି | 4) ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ମୁଖ୍ୟ ସୂତ୍ରଧାର |

ନିମ୍ନଲିଖିତ କୋଡରୁ ଉତ୍ତର ବାଛନ୍ତୁ :

(A) a-1, b-2, c-3, d-4

(B) a-2, b-1, c-3, d-4

(C) a-4, b-2, c-1, d-3

(D) a-1, b-3, c-4, d-2

**75.** NISAR କଣ ବୁଝାଏ ?

(A) NASA-ISRO ମହାକାଶ ଏବଂ ବୈମାନିକ ବିଜ୍ଞାନ ଗବେଷଣା

(B) NASA-ISRO ସିନ୍ଥେଟିକ୍ ଆପେର୍ଚର୍ ରାଡ଼ାର୍

(C) ଜାତୀୟ ଭାରତୀୟ ମହାକାଶ ଏବଂ ବୈଜ୍ଞାନିକ ବିଜ୍ଞାନ ରାଡ଼ାର୍

(D) ଉନ୍ନତର ଗବେଷଣା ପାଇଁ ନାସା ଅନ୍ତର୍ଜାତୀୟ ଉପଗ୍ରହ

**76.** Consider the contributions and challenges of the Services Sector in India:

1. The Services sector is the largest contributor to India's GDP and has been the primary driver of economic growth in recent decades.

2. Despite its large share in GDP, the services sector's share in total employment is significantly lower than that of agriculture.

3. The growth in services has often been termed "jobless growth" in the formal sector, leading to a rise in informal service sector's employment.

4. Digitalization and the fise of the IT/ITeS sector have further solidified India's position as a global service hub, but the benefits are not uniformly distributed across the workforce.

Which of the above statements are correct?

(A) 1, 2 and 3 only

(B) 1, 3 and 4 only

(C) 2,3 and 4 only

(D) All of the above

**76.** ଭାରତରେ ସେବାକ୍ଷେତ୍ରର ଅବଦାନ ଏବଂ ଚ୍ୟାଲେଞ୍ଜଗୁଡ଼ିକୁ ବିଚାର କର :

1. ସେବାକ୍ଷେତ୍ର ଉପରେ GDP ରେ ସର୍ବବୃହତ୍ ଅବଦାନକାରୀ ଏବଂ ସାମ୍ପ୍ରତିକ ଦଶନ୍ଧିରେ ଆର୍ଥିକ ଅଭିବୃଦ୍ଧିର ପ୍ରାଥମିକ ବାହକ ହୋଇଛି ।

2. GDP ରେ ଏହାର ବଡ଼ ଅଂଶ ସତ୍ତ୍ୱେ ମୋଟ ନିଯୁକ୍ତିରେ ସେବାକ୍ଷେତ୍ରର ଅଂଶ କୃଷି ତୁଳନାରେ ଯଥେଷ୍ଟ କମ୍ ।

3. ସେବାକ୍ଷେତ୍ରରେ ଅଭିବୃଦ୍ଧିକୁ ପ୍ରାୟତଃ ଆନୁଷ୍ଠାନିକ କ୍ଷେତ୍ରରେ "ନିଯୁକ୍ତି ବିହୀନ ଅଭିବୃଦ୍ଧି" ବୋଲି କୁହାଯାଇଥାଏ, ଯାହା ଅନୌପଚାରିକ ସେବା କ୍ଷେତ୍ରର ନିଯୁକ୍ତିରେ ବୃଦ୍ଧି ଘଟାଇଥାଏ ।

4. ଡିଜିଟାଲାଇଜେସନ୍ ଏବଂ IT/ITeS କ୍ଷେତ୍ରର ବୃଦ୍ଧି ଏକ ବିଶ୍ୱସେବା କେନ୍ଦ୍ର ଭାବରେ ଭାରତର ସ୍ଥିତିକୁ ଆହୁରି ସୁଦୃଢ଼ କରିଛି, କିନ୍ତୁ ଲାଭଗୁଡ଼ିକ କାର୍ଯ୍ୟଶକ୍ତି ମଧ୍ୟରେ ସମାନଭାବରେ ବଣ୍ଟନ କରାଯାଇନାହିଁ ।

ଉପରଲିଖିତ ବକ୍ତବ୍ୟମଧ୍ୟରୁ କେଉଁଟି ଠିକ୍ ?

(A) 1, 2 ଏବଂ 3 କେବଳ

(B) 1, 3 ଏବଂ 4 କେବଳ

(C) 2,3 ଏବଂ 4 କେବଳ

(D) ଉପରୋକ୍ତ ସମସ୍ତ

77. Consider the following statements marked as Assertion (A) and Reason (R), and select the correct option using the codes given below:

**Assertion (A):** In central and southern Odisha, the Proterozoic era is represented by the Eastern Ghats Granulite Belt, which consists of khondalite, charnockite, migmatite, anorthosite and alkaline rocks.

**Reason (R):** These rock formations are linked to the mineralisation of bauxite, manganese, graphite, and gemstones.

(A) Both A and R are true, and R correctly explains A

(B) Both A and R are true, but R does not correctly explain A.

(C) A is true, but R is false.

(D) A is false, but R is true.

78. Match List - I with List - II and Select the correct answer while using the Code given below :

| List - I (Leader) | List - II (Organisation) |
|---|---|
| a) M. C. Raja | 1) All India Depressed Classess League |
| b) Jagjivan Ram | 2) All India Depressed Classes Congress |
| c) B.R. Ambedkar | 3) All India Depressed Classes Association |
| d) Mahatma Gandhi | 4) All India Harijan Sangh |

Code :

| | a | b | c | d |
|---|---|---|---|---|
| (A) | 3 | 2 | 4 | 1 |
| (B) | 3 | 1 | 2 | 4 |
| (C) | 1 | 3 | 2 | 4 |
| (D) | 4 | 2 | 1 | 3 |

77. Assertion (A) ଓ Reason (R) ଚିହ୍ନିତ ନିମ୍ନଲିଖିତ ମନ୍ତବ୍ୟ ଅନୁଧ୍ୟାନ କରନ୍ତୁ ଏବଂ କୋଡ୍ ବ୍ୟବହାର କରି ସଠିକ ଉତ୍ତର ବାଛନ୍ତୁ ।

Assertion (A) ମଧ୍ୟ ଓ ଦକ୍ଷିଣ ଓଡ଼ିଶାରେ ପ୍ରୋଟେରୋଜୋଇକ ଯୁଗକୁ ପୂର୍ବଘାଟ ଗ୍ରାନୁଲାଇଟ୍ ବେଲ୍ଟ ପ୍ରତିନିଧିତ୍ୱ କରିଥାଏ, ଯାହା ଖୋଣ୍ଡାଲାଇଟ୍, ଚାର୍ନୋକାଇଟ୍, ମିଗମାଟାଇଟ୍, ଆନୋର୍ଥୋସାଇଟ୍ ଏବଂ କ୍ଷାରୀୟ ଶିଳା ଦ୍ୱାରା ଗଠିତ ।

Reason (R) ଏହି ଶିଳାର ଗଠନ ବକ୍ସାଇଟ୍, ମାଙ୍ଗାନିଜ, ଗ୍ରାଫାଇଟ୍ ଓ ରତ୍ନପଥରର ଖଣିଜକରଣ ସହିତ ଜଡ଼ିତ ।

(A) ଉଭୟ A ଓ R ସତ୍ୟ ଏବଂ R ସଠିକ ଭାବରେ A କୁ ବ୍ୟାଖ୍ୟା କରେ

(B) ଉଭୟ A ଓ R ସତ୍ୟ, ମାତ୍ର R ସଠିକ ଭାବରେ A କୁ ବ୍ୟାଖ୍ୟା କରେ ନାହିଁ

(C) A ସତ୍ୟ, କିନ୍ତୁ R ମିଥ୍ୟା

(D) A ମିଥ୍ୟା, କିନ୍ତୁ R ସତ୍ୟ

78. କୋଡ ବ୍ୟବହାର ପୂର୍ବକ ତାଲିକା - I ଓ ତାଲିକା - II ମିଳାଇ ସଠିକ୍ ଉତ୍ତର ବାଛ ।

| ତାଲିକା - I (ନେତା) | ତାଲିକା - II (ସଙ୍ଗଠନ) |
|---|---|
| a) ଏମ୍. ସି. ରାଜା | 1) ଅଖିଳ ଭାରତୀୟ ଦଳିତ ବର୍ଗ ଲିଗ୍ |
| b) ଜଗଜ୍ଜୀବନ ରାମ | 2) ଅଖିଳ ଭାରତୀୟ ଦଳିତ ବର୍ଗ କଂଗ୍ରେସ |
| c) ବି.ଆର.ଆମ୍ବେଦକର | 3) ଅଖିଳ ଭାରତୀୟ ଦଳିତ ବର୍ଗ ସଂଘ |
| d) ମହାତ୍ମାଗାନ୍ଧୀ | 4) ଅଖିଳ ଭାରତୀୟ ହରିଜନ ସଂଘ |

କୋଡ :

| | a | b | c | d |
|---|---|---|---|---|
| (A) | 3 | 2 | 4 | 1 |
| (B) | 3 | 1 | 2 | 4 |
| (C) | 1 | 3 | 2 | 4 |
| (D) | 4 | 2 | 1 | 3 |

79. The Ganjam Plates of Madhav Raja II of the Shailodbhava dynasty provide valuable information about which aspect of early Medieval Odisha's history?

(A) The generalogy and territorical extent of the Shailodbhava rulers.

(B) The maritime trade networks of the Shailodbhavas with South east Asia

(C) The construction of the Mukteshvara temple at Bhubaneswar

(D) The diplomatic relations between the Shailodbhavas and the Gupta Empire

79. ଶୈଳୋଦ୍ଭବ ରାଜବଂଶର ଦ୍ୱିତୀୟ ମାଧବ ରାଜାଙ୍କ ଗଞ୍ଜାମ ଫଳକ ଗୁଡ଼ିକ ପ୍ରାକ୍-ମଧ୍ୟଯୁଗୀୟ ଓଡ଼ିଶା ଇତିହାସର କେଉଁ ଦିଗ ବିଷୟରେ ମୂଲ୍ୟବାନ ସୂଚନା ପ୍ରଦାନ କରାଯାଇଛି ?

(A) ଶୈଳୋଦ୍ଭବଶାସକମାନଙ୍କର ବଂଶାବଳୀ ଏବଂ ରାଜ୍ୟ ସଂପ୍ରସାରଣ

(B) ଦକ୍ଷିଣ ପୂର୍ବ ଏସିଆ ସହିତ ଶୈଳୋଦ୍ଭବମାନଙ୍କର ସାମୁଦ୍ରିକ ବାଣିଜ୍ୟ ବ୍ୟବସ୍ଥା

(C) ଭୁବନେଶ୍ୱରରେ ମୁକ୍ତେଶ୍ୱର ମନ୍ଦିର ନିର୍ମାଣ

(D) ଶୈଳୋଦ୍ଭବ ଏବଂ ଗୁପ୍ତ ସାମ୍ରାଜ୍ୟ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନ

80. Which of the following statements about the Asia Cup cricket tournament is NOT correct.

1) The Asia Cup is a cricket tournament played among the Asian group of nations.

2) The Asia Cup is organised by the Asian Cricket Council.

3) The Asia Cup was first held in the year 1984.

4) The first Asia Cup cricket tournament was played in Colombo, Sri Lanka.

Select the correct answer from the codes given below :

(A) 1 and 2

(B) 2 and 3

(C) 3 and 1

(D) 4 only

80. ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ନିମ୍ନଲିଖିତ କେଉଁ ବିବୃତ୍ତି ଠିକ୍ ନୁହେଁ :

1) ଏସିଆ କପ୍ ହେଉଛି ଏସୀୟ ରାଷ୍ଟ୍ରଗୋଷ୍ଠୀ ମଧ୍ୟରେ ଖେଳାଯାଉଥିବା ଏକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ·

2) ଏସିଆ କପ୍ ଏସିଆନ୍ କ୍ରିକେଟ୍ ପରିଷଦ ଦ୍ୱାରା ଆୟୋଜିତ ହୁଏ ।

3) ଏସିଆ କପ୍ ପ୍ରଥମଥର ପାଇଁ 1984 ମସିହାରେ ଅନୁଷ୍ଠିତ ହୋଇଥିଲା ।

4) ପ୍ରଥମ ଏସିଆ କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ୍ ଶ୍ରୀଲଙ୍କାର କଲମ୍ବୋରେ ଖେଳାଯାଇଥିଲା

ନିମ୍ନଲିଖିତ କୋଡ୍ ଗୁଡ଼ିକରୁ ଠିକ୍ ଉତ୍ତର ଚୟନ କର:

(A) 1 ଏବଂ 2

(B) 2 ଏବଂ 3

(C) 3 ଏବଂ 1

(D) କେବଳ 4

81. Match List - I (Sub divisions of Himalayas) with List - II (Characteristics) and select the correct answer using the code given below the lists

| List-I (sub divisions of Himalayas) | List-II (characteristics) |
|---|---|
| (a) Trans-Himalaya | 1. Known for hill stations like Shimla, Mussoorie |
| (b) Greater Himalaya | 2. Composed of unconsolidated sediments forming foothills |
| (c) Lesser Himalaya | 3. Includes Karakoram, Ladakh, Zaskar range |
| (d) Siwaliks | 4. Contain Mount Everest and Kanchenjunga |

Codes :

| | (a) | (b) | (c) | (d) |
|---|---|---|---|---|
| (A) | 1 | 4 | 2 | 3 |
| (B) | 3 | 2 | 1 | 4 |
| (C) | 3 | 2 | 4 | 1 |
| (D) | 3 | 4 | 1 | 2 |

81. ତାଲିକା-I (ହିମାଳୟର ଉପବିଭାଗ-Sub divisions of Himalayas) ସହିତ ତାଲିକା-II (ବିଶେଷତ୍ୱ - Characteristics) ମେଳାନ୍ତୁ ଏବଂ କୋଡ୍ ବ୍ୟବହାର କରି ସଠିକ ଉତ୍ତର ଦିଅନ୍ତୁ ।

| ତାଲିକା-I (sub divisions of Himalayas) | ତାଲିକା-II (characteristics) |
|---|---|
| (a) Trans-Himalaya | 1. Known for hill stations like Shimla, Mussoorie |
| (b) Greater Himalaya | 2. Composed of unconsolidated sediments forming foothills |
| (c) Lesser Himalaya | 3. Includes Karakoram, Ladakh, Zaskar range |
| (d) Siwaliks | 4. Contain Mount Everest and Kanchenjunga |

Codes :

| | (a) | (b) | (c) | (d) |
|---|---|---|---|---|
| (A) | 1 | 4 | 2 | 3 |
| (B) | 3 | 2 | 1 | 4 |
| (C) | 3 | 2 | 4 | 1 |
| (D) | 3 | 4 | 1 | 2 |

82. Which of the following statements is/are correct about the Rajya Sabha?

1. It is a permanent body and cannot be dissolved.
2. One-third of its members retire every two years.
3. The Vice President of India is the ex-officio Chairperson of the Rajya Sabha.
4. It can be dissolved by the President during National Emergency.

Options :

(A) 1 and 2 only

(B) 1, 2 and 3 only

(C) 2 and 4 only

(D) 1, 2, 3 and 4

83. Who fought the Battle of Talikota?

(A) Harihara I

(B) Devaraya II

(C) Krishna Deva Raya

(D) Rama Raya

82. ରାଜ୍ୟସଭା ବିଷୟରେ ନିମ୍ନଲିଖିତ କେଉଁ ବିବୃତ୍ତି ଠିକ୍ ?

1. ଏହା ଏକ ସ୍ଥାୟୀ ସଂସ୍ଥା ଏବଂ ଏହାକୁ ଭାଙ୍ଗିଦିଆଯାଇ ପାରିବ ନାହିଁ
2. ଏହାର ଏକ ତୃତୀୟାଂଶ ସଦସ୍ୟ ପ୍ରତି ଦୁଇବର୍ଷରେ ଅବସର ନିଅନ୍ତି
3. ଭାରତର ଉପରାଷ୍ଟ୍ରପତି ରାଜ୍ୟସଭାର ପଦାଧିକାରୀ ଅଧ୍ୟକ୍ଷ
4. ଭାରତୀୟ ଜରୁରୀ କାଳୀନ ପରିସ୍ଥିତି ସମୟରେ ରାଷ୍ଟ୍ରପତିଙ୍କ ଦ୍ୱାରା ଏହାକୁ ଭାଙ୍ଗିଦିଆଯାଇପାରିବ

ବିକଳ୍ପଗୁଡ଼ିକ :

(A) 1 ଏବଂ 2 କେବଳ

(B) 1, 2 ଏବଂ 3 କେବଳ

(C) 2 ଏବଂ 4 କେବଳ

(D) 1, 2, 3 ଏବଂ 4

83. ତାଳିକୋଟା ଯୁଦ୍ଧ କିଏ ଲଢ଼ିଥିଲେ ?

(A) ହରିହର ପ୍ରଥମ

(B) ଦେବରାୟ ଦ୍ୱିତୀୟ

(C) କୃଷ୍ଣଦେବ ରାୟ

(D) ରାମା ରାୟ

84. The National Disaster Management Authority (NDMA) functions under :

(A) Ministry of Environment, Forest and Climate Change

(B) Ministry of Home Affairs

(C) Cabinet Secretariat

(D) Prime Minister's Office (PMO)

84. ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (NDMA) ନିମ୍ନଲିଖିତ ଅଧୀନରେ କାର୍ଯ୍ୟ କରେ :

(A) ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ

(B) ଗୃହ ମନ୍ତ୍ରଣାଳୟ

(C) କ୍ୟାବିନେଟ୍ ସଚିବାଳୟ

(D) ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (PMO)

85. India's first OECM (Other Effective area-based Conservation Measure) recognition was awarded for which reason?

(A) Ex-situ conservation of orchids

(B) Sacred groves with endemic fauna

(C) Biodiversity management in community forests

(D) Coral reef mapping

85. ଭାରତର ପ୍ରଥମ OECM (ଅନ୍ୟ ପ୍ରଭାବଶାଳୀ କ୍ଷେତ୍ର ଆଧାରିତ ସଂରକ୍ଷଣ ମାପ) ମାନ୍ୟତା, କେଉଁ କାରଣରୁ ପ୍ରଦାନ କରାଯାଇଥିଲା ।

(A) ଅର୍କିଡର ପୂର୍ବସ୍ଥିତି ସଂରକ୍ଷଣ

(B) ସ୍ଥାନୀୟ ପ୍ରାଣୀ ସହିତ ପବିତ୍ର ଉପବନ

(C) ଗୋଷ୍ଠୀ ଜଙ୍ଗଲରେ ଜୈବ ବିବିଧତା ପରିଚାଳନା

(D) ପ୍ରବାଳ ରୀଫ୍ (reef) ମ୍ୟାପିଂ

86. Who commissioned the construction of the rock-cut Jain Monastries on Udayagiri Hills?

(A) Ashoka

(B) Chandra Gupta Maurya

(C) Kharavela

(D) Bindusara

86. ଉଦୟଗିରି ପର୍ବତରେ ଜୈନମଠ ନିର୍ମାଣ ଦାୟିତ୍ୱ କିଏ ନେଇଥିଲେ ?

(A) ଅଶୋକ

(B) ଚନ୍ଦ୍ରଗୁପ୍ତ ମୌର୍ଯ୍ୟ

(C) ଖାରବେଳ

(D) ବିନ୍ଦୁସାର

87. Which of the following statements about Tropical Evergreen Forests in India are NOT correct?

1. They are confined only to the Eastern Ghats of India

2. The trees shed their leaves simultaneously during the dry summer season.

3. They are found in regions receiving rainfall above 200 cm.

4. Ebony, mahogany, and rosewood are common species.

(A) 3 and 4 only

(B) 1 and 2 only

(C) 2 and 3 only

(D) 1 and 4 only

87. ନିମ୍ନଲିଖିତ ମନ୍ତବ୍ୟଗୁଡ଼ିକ ମଧ୍ୟରୁ ଭରତର ବିଷୁବ ମଣ୍ଡଳୀୟ (Tropical) ଚିରସବୁଜ ଜଙ୍ଗଲ ସମ୍ପର୍କରେ କେଉଁଗୁଡ଼ିକ ଠିକ ନୁହେଁ ।

1. ଏଗୁଡ଼ିକ କେବଳ ଭାରତର ପୂର୍ବଘାଟରେ ସୀମିତ

2. ଶୁଷ୍କ ଗ୍ରୀଷ୍ମ ଋତୁରେ ଗଛଗୁଡ଼ିକ ଏକକାଳୀନ ପତ୍ରଝଡ଼ା ଦିଅନ୍ତି

3. ଏଗୁଡ଼ିକ 200 ସେ.ମି.ରୁ ଅଧିକ ବର୍ଷା ହେଉଥିବା ଅଞ୍ଚଳରେ ଦେଖାଯାଏ

4. ଏବୋନି (Ebony), ମହୋଗାନି (Mahogany) ଏବଂ ରୋଜ୍‌ଉଡ୍ (Rosewood) ସାଧାରଣ ପ୍ରଜାତି

(A) 3 ଓ 4 କେବଳ

(B) 1 ଓ 2 କେବଳ

(C) 2 ଓ 3 କେବଳ

(D) 1 ଓ 4 କେବଳ

88. What is the Surya Heliophysics Foundation Model?

(A) A planetary rover

(B) An AI model to forecast solar activity

(C) An Earth observation satellite

(D) A spacecraft

88. ସୂର୍ଯ୍ୟ ହେଲିଓଫିଜିକ୍ସ ଫାଉଣ୍ଡେସନ୍ ମଡ଼େଲ୍ କଣ ?

(A) ଏକ ଗ୍ରହୀୟ ରୋଭର୍

(B) ସୌର କାର୍ଯ୍ୟକଳାପର ପୂର୍ବାନୁମାନ କରିବାପାଇଁ ଏକ AI ମଡେଲ୍

(C) ଏକ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ

(D) ଏକ ମହାକାଶଯାନ

89. Arrange the religious institutions established by Raja Ram Mohan Roy in chronological order :

a) Unitarian Committee
b) Vedanta College
c) Atmiya Sabha
d) Brahmo Samaj

(A) d, a, b, c
(B) c, a, b, d
(C) b, d, c, a
(D) a, c, b, d

90. Consider the following statements concerning India's Multidimensional Poverty Index (MPI):

1. India's MPI uses health, education and standard of living as dimensions, aligning with the global MPI methodology.
2. The MPI is published by NITI Aayog using data primarily from the National Family Health Survey (NFHS).
3. The Global MPI is released annually by the United Nations Development Programme (UNDP) and the Oxford Poverty and Human Development Initiative (OPHI).
4. India's MPI includes indicators such as nutrition, school attendance and access to clean cooking fuel, among others.

Which of the above statements are correct?

(A) 1 and 2 only
(B) 1, 2 and 4 only
(C) 2 and 3 only
(D) All of the above

89. ରାଜା ରାମମୋହନ ରାୟଙ୍କ ଦ୍ୱାରା ପ୍ରତିଷ୍ଠିତ ଧର୍ମୀୟ ଅନୁଷ୍ଠାନଗୁଡ଼ିକୁ କାଳକ୍ରମ ଅନୁସାରେ ସଜାଅ ।

a) ୟୁନିଟାରିଆନ କମିଟି
b) ବେଦାନ୍ତ କଲେଜ
c) ଆତ୍ମୀୟ ସଭା
d) ବ୍ରାହ୍ମ ସମାଜ

(A) d, a, b, c
(B) c, a, b, d
(C) b, d, c, a
(D) a, c, b, d

90. ଭାରତର ବହୁପରିମାଣୀୟ ଦାରିଦ୍ର୍ୟ ସୂଚକାଙ୍କ (MPI) ସମ୍ବନ୍ଧରେ ନିମ୍ନଲିଖିତ ବିବୃତ୍ତିଗୁଡ଼ିକ ବିଚାର କର ।

1. ଭାରତର MPI ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜୀବନଧାରଣର ମାନକୁ ଏକ ପରିମାପ ଭାବରେ ବ୍ୟବହାର କରେ, ଯାହା ବିଶ୍ୱସ୍ତରୀୟ MPI ପଦ୍ଧତି ସହିତ ସମନ୍ୱୟ ରଖେ
2. MPI ମୁଖ୍ୟତଃ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (NFHS) ରୁ ତଥ୍ୟ ବ୍ୟବହାର କରି NITI ଆୟୋଗ ଦ୍ୱାରା ପ୍ରକାଶିତ ହୁଏ
3. ବିଶ୍ୱସ୍ତରୀୟ MPI ପ୍ରତିବର୍ଷ ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ (UNDP) ଏବଂ ଅକ୍ସଫୋର୍ଡ ଦାରିଦ୍ର୍ୟ ଏବଂ ମାନବ ବିକାଶ ପଦକ୍ଷେପ (OPHI) ଦ୍ୱାରା ପ୍ରକାଶିତ ହୁଏ ।
4. ଭାରତର MPI ରେ ପୁଷ୍ଟିସାର, ସ୍କୁଲ ଉପସ୍ଥାନ ଏବଂ ସ୍ୱଚ୍ଛ ରୋଷେଇ ଇନ୍ଧନର ପ୍ରବେଶ ଭଳି ସୂଚକ ଅନ୍ତର୍ଭୁକ୍ତ ।

ଉପରଲିଖିତ ବକ୍ତବ୍ୟ ମଧ୍ୟରୁ କେଉଁଟି ଠିକ୍ ?

(A) 1 ଏବଂ 2 କେବଳ
(B) 1, 2 ଏବଂ 4 କେବଳ
(C) 2 ଏବଂ 3 କେବଳ
(D) ଉପରୋକ୍ତ ସମସ୍ତ

91. The "One Health" approach in public policy refers to :

(A) Integrating traditional and modern health systems

(B) Linking human, animal and environmental health to prevent pandemics

(C) Making public and private hospitals work jointly

(D) Telemedicine expansion to rural areas

92. Which of the following statements about the Odisha Integrated Irrigation Project for Climate Resilient Agriculture (OIIPCRA) is NOT correct?

1. OIIPCRA is jointly funded by the Government of Odisha and the World Bank.
2. The project aims to improve irrigation infrastructure and promote climate-resilient farming practices in selected districts.
3. It primarily focuses on large-scale dam construction to increase irrigation potential in coastal Odisha.
4. The project supports farmer training, capacity building and the introduction of climate-smart agricultural technologies.

(A) 1 only

(B) 2 only

(C) 3 only

(D) 4 only

91. ସାର୍ବଜନୀନ ନୀତିରେ "ଏକକ ସ୍ୱାସ୍ଥ୍ୟ (One Health)" ପଦ୍ଧତି ବୁଝାଏ :

(A) ପାରମ୍ପରିକ ଏବଂ ଆଧୁନିକ ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ଏକୀକୃତ କରିବା

(B) ମହାମାରୀ ରୋକିବା ପାଇଁ ମାନବ, ପଶୁ ଏବଂ ପରିବେଶଗତ ସ୍ୱାସ୍ଥ୍ୟକୁ ସଂଯୋଗ କରିବା

(C) ସରକାରୀ ଏବଂ ଘରୋଇ ହସ୍ପିଟାଲଗୁଡ଼ିକୁ ମିଳିତ ଭାବରେ କାର୍ଯ୍ୟ କରିବା

(D) ଗ୍ରାମାଞ୍ଚଳରେ ଟେଲିମେଡ଼ିସିନ୍ ପ୍ରସାରଣ

92. ଜଳବାୟୁ ପ୍ରତିରୋଧୀ କୃଷି ପାଇଁ ଓଡ଼ିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ (OIIPCRA) ବିଷୟରେ ନିମ୍ନଲିଖିତ କେଉଁ ମନ୍ତବ୍ୟ ଠିକ ନୁହେଁ ।

1. (OIIPCRA) ପାଇଁ ଓଡ଼ିଶା ସରକାର ଓ ବିଶ୍ୱବ୍ୟାଙ୍କ୍ ମିଳିତ ଭାବରେ ପାଣ୍ଠି ଯୋଗାଉଛନ୍ତି ।
2. ଏହି ପ୍ରକଳ୍ପର ଲକ୍ଷ୍ୟ ଜଳସେଚନ ଭିତ୍ତିଭୂମିକୁ ଉନ୍ନତ କରିବା ଓ ମନୋନୀତ ଜିଲ୍ଲାଗୁଡ଼ିକର ଜଳବାୟୁ ପ୍ରତିରୋଧୀ କୃଷି ପଦ୍ଧତିକୁ ପ୍ରୋତ୍ସାହିତ କରିବା ।
3. ଏହା ମୁଖ୍ୟତଃ ଉପକୂଳ ଓଡ଼ିଶାରେ ଜଳସେଚନ କ୍ଷମତା ବୃଦ୍ଧି କରିବା ପାଇଁ ବଡଧରଣର ବନ୍ଧ ନିର୍ମାଣ ପାଇଁ ଗୁରୁତ୍ୱ ଦେଇଥାଏ
4. ଏହି ପ୍ରକଳ୍ପ ଚାଷୀ ତାଲିକା, କ୍ଷମତା ବିକାଶ ଓ ଜଳବାୟୁ ସ୍ମାର୍ଟ କୃଷି ପ୍ରଯୁକ୍ତିବିଦ୍ୟା ପ୍ରଚଳନକୁ ସମର୍ଥନ କରେ ।

(A) 1 କେବଳ

(B) 2 କେବଳ

(C) 3 କେବଳ

(D) 4 କେବଳ

93. Who is the author of the book "Baidehisha Bilasa"?

(A) Hari Charan Deva

(B) Sisu Sankar Das

(C) Upendra Bhanja

(D) Harihar Kabi

94. Which of the following statements about Biosphere Reserves in India are NOT correct?

1. Great Nicobar is one of the designated biosphere reserves.

2. Nilgiri Biosphere Reserve is spread over Karnataka, Kerala, and Tamil Nadu.

3. There are no biosphere reserves in the Himalayan region.

4. Sundarbans Biosphere Reserve is a UNESCO World Heritage Site.

(A) 3 only

(B) 1 and 3 only

(C) 1, 2 and 4 only

(D) 3 and 4 only

93. କିଏ "ବୈଦେହୀଶ ବିଳାସ" ପୁସ୍ତକର ରଚୟିତା ?

(A) ହରି ଚରଣ ଦେବ

(B) ଶିଶୁ ଶଙ୍କର ଦାସ

(C) ଉପେନ୍ଦ୍ର ଭଞ୍ଜ

(D) ହରିହର କବି

94. ଭାରତର ଜୈବମଣ୍ଡଳ ସଂରକ୍ଷଣ ସମ୍ପର୍କରେ କେଉଁ ମନ୍ତବ୍ୟ ଗୁଡ଼ିକ ଠିକ୍ ନୁହେଁ ।

1. ଗ୍ରେଟ୍ ନିକୋବର ହେଉଛି ନିର୍ଦ୍ଦିଷ୍ଟ ଜୈବମଣ୍ଡଳ ସଂରକ୍ଷଣ ମଧ୍ୟରୁ ଗୋଟିଏ

2. ନୀଳଗିରି ଜୈବମଣ୍ଡଳ ସଂରକ୍ଷଣ କର୍ଣ୍ଣାଟକ, କେରଳ ଏବଂ ତାମିଲନାଡୁରେ ବିସ୍ତାରିତ

3. ହିମାଳୟ ଅଞ୍ଚଳରେ କୌଣସି ଜୈବମଣ୍ଡଳ ସଂରକ୍ଷଣ ନାହିଁ

4. ସୁନ୍ଦରବନ ଜୈବମଣ୍ଡଳ ସଂରକ୍ଷଣ ହେଉଛି ୟୁନେସ୍କୋ (UNESCO) ର ବିଶ୍ୱ ଐତିହ୍ୟ ସ୍ଥଳ

(A) 3 କେବଳ

(B) 1 ଓ 3 କେବଳ

(C) 1, 2 ଓ 4 କେବଳ

(D) 3 ଓ 4 କେବଳ

95. The Mission Karmayogi launched by the Government of India is aimed at:

(A) Skill development for unemployed youth

(B) Capacity building and competency development of civil servants

(C) Leadership training for Panchayati Raj officials

(D) Military training for disaster response

95. ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ମିଶନ କର୍ମଯୋଗୀ ଲକ୍ଷ୍ୟ ହେଉଛି :

(A) ବେକାର ଯୁବକ ଯୁବତୀଙ୍କ ପାଇଁ ଦକ୍ଷତା ବିକାଶ

(B) ସରକାରୀ କର୍ମଚାରୀଙ୍କ କ୍ଷମତା ନିର୍ମାଣ ଓ ଦକ୍ଷତା ବିକାଶ

(C) ପଞ୍ଚାୟତିରାଜ ଅଧିକାରୀଙ୍କ ପାଇଁ ନେତୃତ୍ୱ ତାଲିମ

(D) ବିପର୍ଯ୍ୟୟ ପ୍ରତିକ୍ରିୟା ପାଇଁ ସାମରିକ ତାଲିମ

96. In India, the 'Threatened Species Recovery Programme' under NBAP targets species that are:

(A) Locally extinct but globally common

(B) Keystone species across agro-ecological zones

(C) Species with narrow geographic range and declining population

(D) Genetically engineered but endangered

96. ଭାରତରେ, NBAP ଅଧୀନରେ 'ବିପଦଗ୍ରସ୍ତ ପ୍ରଜାତି ପୁନରୁଦ୍ଧାର କାର୍ଯ୍ୟକ୍ରମ' ସେହି ପ୍ରଜାତିଗୁଡ଼ିକୁ ସୁରକ୍ଷା କରିବା ପାଇଁ ଲକ୍ଷ୍ୟ ରଖିଥାଏ, ଯାହା

(A) ସ୍ଥାନୀୟ ଭାବେ ବିଲୁପ୍ତ କିନ୍ତୁ ବିଶ୍ୱସ୍ତରରେ ସାଧାରଣ

(B) କୃଷି-ପରିବେଶିତ କ୍ଷେତ୍ରଗୁଡ଼ିକରେ Keystone ପ୍ରଜାତି

(C) ସଂକୀର୍ଣ୍ଣ ଭୌଗୋଳୀକ ପରିସରର ଏବଂ ହ୍ରାସ ପାଉଥିବା ଜନସଂଖ୍ୟା ବିଶିଷ୍ଟ ପ୍ରଜାତି

(D) ଜେନେଟିକାଲି ଇଞ୍ଜିନିୟର୍ଡ କିନ୍ତୁ ବିପଦଗ୍ରସ୍ତ

97. Which Mughal Emperor appointed the first separate Subahdar of Odisha, and in which year did Odisha became a separate Subah?

(A) Akbar, 1593

(B) Aurangzeb, 1658

(C) Shahjahan, 1628

(D) Jahangir, 1607

97. କେଉଁ ମୋଗଲ ସମ୍ରାଟ ଓଡ଼ିଶାର ପ୍ରଥମ ସ୍ୱତନ୍ତ୍ର ସୁବେଦାର ନିଯୁକ୍ତି କରିଥିଲେ ଏବଂ କେଉଁ ବର୍ଷ ଏହା ପ୍ରଚଳନ କରାଯାଇଥିଲା ?

(A) ଆକବର, 1593

(B) ଔରଙ୍ଗଜେବ, 1658

(C) ଶାହାଜାହାନ, 1628

(D) ଜାହାଙ୍ଗିର, 1607

98. Match these summits to their host cities:

| (List - I) Organizations | (List - II) Locations |
|---|---|
| a) G7 (2025) | 1) Kananaskis |
| b) NATO (2025) | 2) The Hague |
| c) SCO (2024) | 3) Islamabad |
| d) G20 Summit (2025) | 4) Johannesburg |

Select the correct answer from the codes given below :

(A) a-1 b-2 c-3 d-4

(B) a-2 b-3 c-4 d-1

(C) a-1 b-3 c-4 d-2

(D) a-3 b-2 c-1 d-4

99. The E1 Nino phenomenon is associated with :

(A) Weakening of monsoon in India

(B) Strengthening of monsoon in India

(C) No effect on the monsoon in India

(D) Only winter rains in India

100. Which country did India defeat in both men's and women's Kho Kho World Cup 2025 finals?

(A) Bangladesh

(B) Sri Lanka

(C) Nepal

(D) Pakistan

98. ଏହି ଶିଖର ସମ୍ମିଳନୀଗୁଡ଼ିକୁ ସେମାନଙ୍କର ଆୟୋଜକ ସହର ସହିତ ମେଳ କର:

| (ତାଲିକା - I) ସମ୍ମିଳନୀ | (ତାଲିକା - II) ଆୟୋଜକ ସହର |
|---|---|
| a) G7 (2025) | 1) Kananaskis |
| b) NATO (2025) | 2) The Hague |
| c) SCO (2024) | 3) Islamabad |
| d) G20 Summit (2025) | 4) Johannesburg |

ନିମ୍ନରେ ଦିଆଯାଇଥିବା କୋଡ୍‌ରୁ ଠିକ୍ ଉତ୍ତର ବାଛ:

(A) a-1 b-2 c-3 d-4

(B) a-2 b-3 c-4 d-1

(C) a-1 b-3 c-4 d-2

(D) a-3 b-2 c-1 d-4

99. ଏଲ୍ ନିନୋ ଘଟଣା କେଉଁଥିରେ ସମ୍ପୃକ୍ତ ?

(A) ଭାରତରେ ମୌସୁମୀର ଦୁର୍ବଳତା ସହିତ ଜଡ଼ିତ

(B) ଭାରତରେ ମୌସୁମୀ ଶକ୍ତିଶାଳୀ କରିଥାଏ

(C) ଭାରତର ମୌସୁମୀ ଉପରେ କୌଣସି ପ୍ରଭାବ ହୋଇ ନଥାଏ

(D) କେବଳ ଭାରତରେ ଶୀତଦିନିଆ ବର୍ଷା ସହିତ ଜଡିତ

100. 2025 ପୁରୁଷ ଏବଂ ମହିଳା ଖୋଖୋ ବିଶ୍ୱକପ୍ ଫାଇନାଲ୍‌ରେ ଭାରତ କେଉଁ ଦେଶକୁ ପରାସ୍ତ କରିଥିଲା ?

(A) ବାଂଲାଦେଶ (Bangladesh)

(B) ଶ୍ରୀଲଙ୍କା (Sri Lanka)

(C) ନେପାଳ (Nepal)

(D) ପାକିସ୍ତାନ (Pakistan)